Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ସଂଖ୍ୟା 3

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 19 ଜାନୁଆରୀ 2017   19 ସୁଲାହ 1396 ହି.ଶ   20 ରବିଉଲ୍ ସାନି 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି ।   (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

ଆମ ମେହେଦୀଙ୍କ ନିମନ୍ତେ ଦୁଇଟି ନିଦର୍ଶନ (ଚିହ୍ନ) ଅଛି । ଅଲ୍ଲାଃତାଲା ଯେବେଠାରୁ ଆକାଶ ଓ ପୃଥିବୀକୁ ଜନ୍ମ କରିଛନ୍ତି ଏହି ଦୁଇଟି ନିଦର୍ଶନ କୌଣସି ପ୍ରେରିତ ଦୂତ ବା ରସୁଲ୍‌ଙ୍କ ସମୟରେ ପ୍ରକଟିତ କରିନାହାଁନ୍ତି । ତନ୍ମଧ୍ୟରୁ ଗୋଟିଏ ହେଲା ମେହେଦୀଙ୍କ ସମୟରେ ରମ୍‌ଜାନ୍ ମାସରେ ଚନ୍ଦ୍ରକୁ ତା'ର ପ୍ରଥମ ଦିନରେ ଗ୍ରହଣ ଲାଗିବ ଅର୍ଥାତ୍ ୧୩ ତାରିଖରେ ଏବଂ ସୂର୍ଯ୍ୟପରାଗ ତା'ର ଗ୍ରହଣ ଲାଗୁଥିବା ଦିନମାନଙ୍କ ମଧ୍ୟରୁ ମଧ୍ୟମ ଦିନରେ ହେବ ।

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

*(୧)* ଦ୍ୱିତୀୟ ନିଦର୍ଶନ - ସହି ଦାରକୁତନିର ଗୋଟିଏ ହଦିସ୍‌ରେ ଇମାମ ମୁହମ୍ମଦ୍ ବାକର କହୁଛନ୍ତି - ***ଇନ୍ନା ଲି ମେହେଦିଇନା ଆୟାତୟନେ ଲମ୍‌ତକୁନା ମୁନ୍‌ଜୋ ଖଲକିସ୍ ସମାଓ୍ୱାତେ ଓ୍ୱଲ୍ ଅର୍‌ଜ ୟନ୍‌କସିଫୁଲ୍ କମ୍‌ରେ ଲି ଅଓ୍ୱଲେ ଲଇଲତିମ୍ ମିର୍ ରମଜାନା ଓ୍ୱ ତନ୍‌କସିଫୁଶ୍ ଶମସା ଫିନ୍ ନିସ୍‌ଫି ମିନ୍‌ହୁ ।***

ଅର୍ଥାତ୍:-ଆମ ମେହେଦୀଙ୍କ ନିମନ୍ତେ ଦୁଇଟି ନିଶାନ୍ (ନିଦର୍ଶନ) ଅଛି ଏବଂ ଯେବେଠାରୁ ଅଲ୍ଲାଃତାଲା ଏ ପୃଥିବୀ ଓ ଆକାଶକୁ ତିଆରି କଲାଣି ସେ ଏହି ଦୁଇଟି ନିଦର୍ଶନ କୌଣସି ପ୍ରେରିତ ଦୂତ ଓ ରସୁଲଙ୍କ ପାଇଁ ପ୍ରକଟ କରିନାହିଁ । ସେଥି ମଧ୍ୟରୁ ଗୋଟିଏ ଏହା ଅଟେ ଯେ ମେହେଦୀଙ୍କ ସମୟରେ ରମଜାନ ମାସରେ ଚନ୍ଦ୍ରଗ୍ରହଣ ତା'ର ପ୍ରଥମ ରାତିରେ ହେବ ଅର୍ଥାତ୍ ୧୩ ତାରିଖରେ ଏବଂ ସୂର୍ଯ୍ୟପରାଗ ତା'ର ଗ୍ରହଣ ଲାଗୁଥିବା ଦିନମାନଙ୍କ ମଧ୍ୟରୁ ମଧ୍ୟମ ଦିନରେ ହେବ । ଅର୍ଥାତ୍ ସେହି ରମଜାନ୍ ମାସର ୨୮ ତାରିଖରେ । ଏପରି ଘଟଣା ସଂସାର ଆରମ୍ଭରୁ କୌଣସି ରସୁଲ୍ ବା ନବୀଙ୍କ ସମୟରେ କଦାପି ଘଟିନାହିଁ । କେବଳ ମେହେଦୀଙ୍କ ସମୟରେ ଏହା ହେବାର ଥିଲା । ଏବେ ସମସ୍ତ ଇଂରାଜୀ ଖବରକାଗଜ ଓ ଉର୍ଦ୍ଦୁ ଖବରକାଗଜ ଏବଂ ଦକ୍ଷ ଜ୍ୟୋତିଷମାନେ ଏହି ନିଦର୍ଶନର ସାକ୍ଷୀ ଅଛନ୍ତି ଯେ ମୋ ସମୟରେ ଏହି ନିଦର୍ଶନ, ଯାହାକୁ ବାରବର୍ଷ ବିତିଗଲାଣି, ଏହି ଗୁଣ ବିଶେଷର ଚନ୍ଦ୍ର ଓ ସୂର୍ଯ୍ୟ ଗ୍ରହଣ ରମ୍‌ଜାନ୍ ମାସରେ ହୋଇସାରିଛି । ପ୍ରଥମେ ଏହି ଦେଶରେ ପୁଣି ଆମେରିକାର ହେଲା ଏବଂ ଦୁଇଥରଯାକ ଉକ୍ତ ତାରିଖ ମାନଙ୍କରେ ହେଲା । ଯେଉଁ ସମୟର ଇଙ୍ଗିତ ହଦିସ କରିଅଛି । ଏହି ସମୟରେ ମୋ ଛଡ଼ା ଏ ପୃଥିବୀରେ ମେହେଦୀର ଦାବିଦାର କୌଣସି ବ୍ୟକ୍ତି ନଥିଲେ ନା କେହି ମୋ ପରି ଏହି ଗ୍ରହଣକୁ ନିଜର ମେହେଦୀ ହେବାର ନିଦର୍ଶନ ବୋଲି ବିବେଚନା କରି ଶହ ଶହ ଇସ୍ତେହାର, ଉର୍ଦ୍ଦୁ, ଫାର୍ସୀ ଓ ଆରବୀ ପତ୍ରିକାରେ ସମଗ୍ର ପୃଥିବୀରେ ପ୍ରକାଶ କରିଛନ୍ତି । ତେଣୁ ଏହି ଅଲୌକିକ ନିଦର୍ଶନ ମୋ ପାଇଁ ପ୍ରେରଣ କରାଯାଇଛି । ଏହାର ଦ୍ୱିତୀୟ ଦଲିଲ୍ ହେଉଛି ଯେ ଏହି ନିଦର୍ଶନର ବାରବର୍ଷ ପୂର୍ବରୁ ଅଲ୍ଲାଃତାଲା ଏ ବିଷୟରେ ମତେ ଖବର ଦେଇଛନ୍ତି କି ଏହି ନିଦର୍ଶନ ପ୍ରକଟିତ ହେବ ଏବଂ ଏହି ଖବର ''ବାରାହିନେ ଅହମଦୀୟା'' (ପୁସ୍ତକ) ରେ ଉକ୍ତ ନିଦର୍ଶନ ପ୍ରକଟିତ ହେବାର ପୂର୍ବରୁ ଲକ୍ଷ ଲକ୍ଷ ଲୋକଙ୍କ ମଧ୍ୟରେ ପହଂଚି ସାରିଛି ।

ବହୁତ ଦୁଃଖର ବିଷୟ ଏହା ଅଟେ ଯେ ଆମ ବିପକ୍ଷ ଗୋଷ୍ଠି କେବଳ ଧର୍ମାନ୍ଧତା ଯୋଗୁଁ ଏପରି ଦୋଷାରୋପ କରୁଛନ୍ତି । ପ୍ରଥମତଃ ହଦିସରେ ଯେଉଁ ଶବ୍ଦ ଆସିଛି ଚନ୍ଦ୍ରଗ୍ରହଣ ପ୍ରଥମ ରାତିରେ ହେବ ଏବଂ ସୂର୍ଯ୍ୟପରାଗ ମଧ୍ୟମ ଦିନରେ ହେବ । କିନ୍ତୁ ତାଙ୍କ ଧାରଣା ଅନୁସାରେ ଏପରି ହେଲାନାହିଁ । ତାଙ୍କ ଧାରଣାରେ ଚନ୍ଦ୍ରଗ୍ରହଣ ହିଲାଲ୍ ରାତିରେ ହୋଇଥାନ୍ତା ଯାହା ଚନ୍ଦ୍ରମାସର ପ୍ରଥମ ଦିନ ଅଟେ ଏବଂ ସୂର୍ଯ୍ୟପରାଗ ଚନ୍ଦ୍ରମାସର ୧୫ ତାରିଖରେ ହୋଇଥାନ୍ତା ଯାହା ମାସର ମଧ୍ୟମ ଦିନ ଅଟେ । କିନ୍ତୁ ଏହା ସମ୍ପୂର୍ଣ୍ଣ ରୂପେ ସେମାନଙ୍କର ଭୁଲ୍ ବୁଝାମଣା ଅଟେ । କାରଣ ଯେବେଠାରୁ ସଂସାର ଆରମ୍ଭ ହେଲାଣି ସେବେଠାରୁ ଚନ୍ଦ୍ରଗ୍ରହଣ ପାଇଁ ଅଲ୍ଲାଃତାଲା ତିନଟି ରାତିରେ ହେବାର ଧାର୍ଯ୍ୟ କରିଛନ୍ତି ଅର୍ଥାତ୍ - ତେର, ଚଉଦ ଓ ପନ୍ଦର ରାତିର ଚନ୍ଦ୍ରମାରେ ଗ୍ରହଣ ଲାଗିବ । ଚନ୍ଦ୍ର ଗ୍ରହଣର ପ୍ରଥମ ରାତି ଯାହା ଅଲ୍ଲାଃତାଲାଙ୍କର ନିୟମାନୁସାରେ ଅଟେ ତାହା ହେଉଛି ଚନ୍ଦ୍ର ମାସର ତେର ତାରିଖର ରାତି, ସେହିପରି ସୂର୍ଯ୍ୟପରାଗ ନିମନ୍ତେ ଅଲ୍ଲାଃତାଲା ତିନଟି ଦିନ ଧାର୍ଯ୍ୟ କରିଛନ୍ତି ଅର୍ଥାତ- ଚନ୍ଦ୍ରମାସର ସତେଇଶ, ଅଠେଇଶ ଏବଂ ଅଣତିରିଶ ତାରିଖରେ । ତେଣୁ ସୂର୍ଯ୍ୟର ଧାର୍ଯ୍ୟ ତିନିଦିନ ଗ୍ରହଣ ମଧ୍ୟରୁ ଚନ୍ଦ୍ରମାସ ଅନୁସାରେ ୨୮ ତାରିଖ ହେଉଛି ମଧ୍ୟମ ଦିନ । ତେଣୁ ଉକ୍ତ ତାରିଖ ଗୁଡିକରେ ହଦିସ୍ ଅନୁଯାୟୀ ରମ୍‌ଜାନ୍ ମାସରେ ଚନ୍ଦ୍ରଗ୍ରହଣ ତେର ତାରିଖରେ ଏବଂ ସୂର୍ଯ୍ୟପରାଗ ସେହି ରମଜାନ୍ ମାସର ୨୮ ତାରିଖରେ ଅନୁଷ୍ଠିତ ହେଲା ।

ଆରବୀୟଙ୍କ ଭାଷାରେ ପ୍ରଥମ ରାତ୍ରିର ଚନ୍ଦ୍ରକୁ କଦାପି 'କମର୍' କୁହାଯାଏ ନାହିଁ । ବରଂ ତିନିଦିନ ପର୍ଯ୍ୟନ୍ତ ତାର ନାମ 'ହିଲାଲ୍' ଥାଏ । କେତେକଙ୍କ ମତରେ ସାତଦିନ ପର୍ଯ୍ୟନ୍ତ 'ହିଲାଲ୍' କୁହାଯାଏ । ଦ୍ୱିତୀୟ ଆପତି ତାଙ୍କର ଏହା ଯେ ଯଦି ଆମେ ଗ୍ରହଣ କରିନେଉ କି ଚନ୍ଦ୍ରର ପ୍ରଥମ ରାତିର ଅର୍ଥ ତେର ତାରିଖ ଅଟେ ଏବଂ ସୂର୍ଯ୍ୟର ମଧ୍ୟର ଦିନର ଅର୍ଥ ୨୮ ତାରିଖ ଅଟେ ବୋଲି ତେବେ ଏଥିରେ ଅଲୌକିକତା କଣ ? କଣ କେବେହେଲେ ରମଜାନ ମାସରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ହୋଇନାହିଁ ? ଏହାର ଉତର ଏପରି ଅଟେ ଯେ ଉକ୍ତ ହଦିସ୍‌ର ଅର୍ଥ ଏହା ନୁହେଁ ଯେ ରମ୍‌ଜାନ ମାସରେ କେବେହେଲେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ଏକାଠି ହୋଇନାହାଁନ୍ତି ବୋଲି ବରଂ ଏହାର ଅର୍ଥ ଏପରି ଅଟେ ଯେ କୌଣସି ନବୀ ଓ ରସୁଲ୍‌ଙ୍କ ଦାବିଦାରି ସମୟରେ କଦାପି ଏହି ଦୁଇଟି ଗ୍ରହଣ ଏକତ୍ରିତ ହୋଇନାହାଁନ୍ତି । ଯେପରି ଉକ୍ତ ହଦିସର ଶବ୍ଦ ଗୁଡିକରୁ ଜାଣି ହେଉଛି । ଯଦି କୌଣସି ବ୍ୟକ୍ତି ଦାବିକରି ଏହା କହୁଛି ଯେ କୌଣସି ନବୀ ଓ ରସୁଲ୍‌ଙ୍କ ଦାବିଦାରି ସମୟରେ ଏପରି ଦୁଇଟି ଗ୍ରହଣ ଏକତ୍ରିତ ରମ୍‌ଜାନ୍ ମାସରେ ହୋଇଅଛି ବୋଲି ତା'ହେଲେ ତା ଉପରେ ଧାର୍ଯ୍ୟ ଅଟେ ଯେ ସେ ଏହାର ପ୍ରମାଣ ଦେଉ । ବିଶେଷତଃ ଏହା କାହାକୁ ଜଣା ନାହିଁ ଯେ ଇସ୍‌ଲାମୀୟ ବର୍ଷ ଅର୍ଥାତ୍ ତେର ଶହ ବର୍ଷ ହେବ କେତେ ଲୋକ କେବଳ ଧୋକା ଦେଇ ମେହେଦୀ ହେବାର ଦାବି କରିଛନ୍ତି ଏବଂ ଲଢ଼େଇ ମଧ୍ୟ କରିଛନ୍ତି । କିନ୍ତୁ କିଏ ପ୍ରମାଣ ଦେଇପାରିବ ଯେ ସେମାନଙ୍କ ସମୟରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ରମ୍‌ଜାନ୍ ମାସରେ ଏକାଠି ହୋଇଥିଲା ବୋଲି । ଯେ ପର୍ଯ୍ୟନ୍ତ ଏହାର ପ୍ରମାଣ ଦିଆ ନ ଯାଇଛି ସେ ପର୍ଯ୍ୟନ୍ତ ନିଃସନ୍ଦେହ ଏହି ଘଟଣା ଅଲୌକିକ ଘଟଣା ଅଟେ । କାରଣ ଅଲୌକିକ ଘଟଣା ତାହାକୁ ହିଁ କୁହାଯାଏ ଯାହାର ଦୃଷ୍ଟାନ୍ତ ସଂସାରରେ ମିଳେ ନାହିଁ ଏବଂ କେବଳ ହଦିସ୍ ନୁହେଁ ବରଂ ପବିତ୍ର କୋରାନ୍‌ରେ ମଧ୍ୟ ଏଥିପ୍ରତି ସଂକେତ ଦିଆଯାଇଛି ଦେଖ ଆୟତ୍ - ***ଓ୍ୱ ଖସଫଲ୍ କମରୁ - ଓ୍ୱ ଯୁମିଅଶ୍ ଶମ୍‌ସୁ ଓ୍ୱଲ୍ କମରୁ***[୧]

---

[୧] ଅଲ୍ଲାଃତାଲ ସଂକ୍ଷେପରେ କହିଲେ ଯେ ଶେଷ ଯୁଗର ସଂକେତ ଏହା ଯେ ଗୋଟିଏ ମାସରେ ସୂର୍ଯ୍ୟ ଓ ଚନ୍ଦ୍ରର କସୁଫ୍ ଓ ଖସୁଫ୍ (ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ) ଏକତ୍ରିତ ହେବେ ଏବଂ ଏହି ଆୟତ୍‌ର ପରବର୍ତୀ ଭାଗରେ କହିଲେ କି ଏହି ସମୟରେ ମିଛୁଆ ବଂଚିପାରିବ ନାହିଁ । ଯେଉଁଥିରୁ ସ୍ପଷ୍ଟ ହେଉଛି ଯେ ସେହି କସୁଫ୍ ଓ ଖସୁଫ୍ ମେହେଦୀଙ୍କ ସମୟରେ ଅନୁଷ୍ଠିତ ହେବ । ସାରମର୍ମ ଏହା ଅଟେ ଯେ ଯେହେତୁ କସୁଫ୍ ଓ ଖସୁଫ୍ ଅଲ୍ଲାଃଙ୍କ ଭବିଷ୍ୟବାଣୀ ଅନୁଯାୟୀ ଅନୁଷ୍ଠିତ ହେବ ତେଣୁ ମିଛୁଆଙ୍କ ଉପରେ ଯୁକ୍ତି ପ୍ରମାଣ ହୋଇଯିବ ।

**(ହକିକତୁଲ୍ ଓ୍ୱହି, ରୁହାନିଖଜାଏନ୍ - ଖଣ୍ଡ-୨୨, ପୃଷ୍ଠା-୨୦୨-୨୦୪)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

## କର୍ମରେ ସୁଧାର ଆଣିବା ପାଇଁ ହୁଜୁର[ଅ.ବ]ଙ୍କ ୨୦ଗୋଟି ମହତ ବାଣୀ

**୧. ସାମୂହିକ ନମାଜ ପାଠ :**

ପ୍ରତ୍ୟେକ ଅହମଦୀ ମସଜିଦ ବା ନମାଜ ସେଂଟରରେ ସାମୂହିକ ନମାଜ ପଢିବାର ଯୋଗାଡ଼ କରନ୍ତୁ । ଓହଦେଦାରମାନେ ନିଜର ଭଲ ଆଦର୍ଶ ଦେଖାନ୍ତୁ । ନିଜ ପିଲାମାନଙ୍କୁ ମଧ୍ୟ ନମାଜ ପାଇଁ ସାଙ୍ଗରେ ନେଇ ଆସନ୍ତୁ ।

**୨. ହୁଜୁର ଅନ୍‌ୱର[ଅ.ବ]ଙ୍କ ଖୁତବା ଜୁମା :**

ମସଜିଦ ବା ନମାଜ ସେଂଟରରେ ଏକତ୍ରିତ ହୋଇ ହୁଜୁର[ଅ.ବ]ଙ୍କ Live ଖୁତବା ଜୁମା ଶୁଣନ୍ତୁ ।

**୩.ଦରସ୍ :**

ନମାଜ ଫଜର ପରେ ଦରସୁଲ୍ କୋରାନ ଏବଂ ନମାଜ ଅସର୍ ବା ମଗରିବ୍ ପରେ ଦରସୁଲ୍ ହଦିସ୍ ଅଥବା ମଲ୍‌ଫୁଜାତ୍ ଦେବାର ବନ୍ଦବସ୍ତ କରନ୍ତୁ ।

**୪. ଅଖବାର-ଏ-ବଦର୍ :**

ପ୍ରତ୍ୟେକ ଘରେ ଅଖବାର-ଏ-ବଦର୍ କିଣି ତା'କୁ ପଢନ୍ତୁ । ବିଶେଷ ଭାବେ ଖୁତବା ଜୁମା ଏବଂ ହୁଜୁର[ଅ.ବ]ଙ୍କ ଗସ୍ତଗୁଡ଼ିକର ବିବରଣୀ ନିଶ୍ଚିତ ପଢନ୍ତୁ ।

**୫. ସନ୍ତାନର ତରବିୟତ :**

ନିଜ ଘରୁ ହିଁ ତରବିୟତ ଆରମ୍ଭ କରନ୍ତୁ । ବାପା-ମାଆମାନେ ନିଜ ପିଲାମାନଙ୍କ ପ୍ରତି ନିଶ୍ଚିତ ସମୟ ଦିଅନ୍ତୁ । ଘରେ ସବୁବେଳେ ଧାର୍ମିକ କଥା ଭାଷା ହୁଅନ୍ତୁ ।

**୬. ପବିତ୍ର କୋରାନର ତିଲାଓ୍ୱତ୍ :**

ପ୍ରତିଦିନ ନମାଜ ଫଜର ପରେ ପବିତ୍ର କୋରାନର ତିଲାଓ୍ୱତ୍ କରନ୍ତୁ । ମାସକୁ ଅତି କମରେ ୧୫ ଦିନ ନିଶ୍ଚିତ ତିଲାଓ୍ୱତ୍ କରନ୍ତୁ ।

**୭. ସୁଖ ବୈବାହିକ ଜୀବନ :**

ସ୍ୱାମୀ, ସ୍ତ୍ରୀର ବୈବାହିକ ଜୀବନ ସଂପର୍କ ଭଲ ହୋଇଲେ ହିଁ ଘର ସ୍ୱର୍ଗ ଭଳି ହୋଇଥାଏ ଏବଂ ପିଲାମାନଙ୍କ ଉପରେ ଏହାର ଭଲ ପ୍ରଭାବ ପଡ଼ିଥାଏ । ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । ଅନାବଶ୍ୟକ ଓ ଅକାରଣରେ ଖୋଲା-ତଲାକର ଚିନ୍ତାଧାରାକୁ ସମାପ୍ତ କର ।

**୮. ପର୍ଦ୍ଦାର ଆବଶ୍ୟକତା :**

ମହିଳାମାନଙ୍କୁ ପର୍ଦ୍ଦା ଏବଂ ଲଜ୍ଜାଜନିତ ବସ୍ତ୍ରଧାରଣ କରିବାକୁ ତାଗିଦ କରନ୍ତୁ । ଏବିଷୟରେ ପୁରୁଷମାନଙ୍କୁ ବି ବୁଝାଇବାର ଆବଶ୍ୟକତା ରହିଛି ।

**୯. ମଜଲିସ୍ ଶୁରାର ନିଷ୍ପତି ଅନୁଯାୟୀ କାର୍ଯ୍ୟକାରୀ :**

ମଜଲିସ୍ ଶୁରାର ନିଷ୍ପତିଗୁଡ଼ିକ ଉପରେ ମନଧ୍ୟାନ ଦେଇ ଅମଲ କରନ୍ତୁ ।

**୧୦. ସୋଶିଆଲ ମିଡ଼ିଆର ଲାଭ କ୍ଷତି ବିଷୟରେ ସଚେତନ:**

ଇଂଟରନେଟ ଏବଂ ମୋବାଇଲର ଲାଭ ଓ କ୍ଷତି ବିଷୟରେ ପିଲାମାନଙ୍କୁ ଅବଗତ କରାନ୍ତୁ । ଅଭିଭାବକ ମାନେ ଅଶ୍ଲୀଳ ଟିଭି ଚ୍ୟାନେଲଗୁଡ଼ିକୁ ବନ୍ଦ କରିଦିଅନ୍ତୁ ।

**୧୧. ରୁହମାଉ ବୈନହୁମ୍ :**

ଜମାତର ସଭ୍ୟମାନେ ନିଜ ନିଜ ମଧ୍ୟରେ ପବିତ୍ର କୋରାନ ଆଦେଶାନୁଯାୟୀ ଏପରି ସଂପର୍କ ରଖିବା ଉଚିତ୍ କି ରୁହମାଉ ବୈନହୁମ୍ (ପରସ୍ପର ମଧ୍ୟରେ ଭ୍ରାତୃଭାବ ସ୍ଥାପନ କରିବା) ଅନୁଯାୟୀ ହେବା ଉଚିତ୍ ।

**୧୨.ମାନ୍ୟକାରୀତା ଏବଂ ନମ୍ରତା :**

ମାନ୍ୟକାରୀତାର ଉଚ୍ଚ ଆଦର୍ଶ ପ୍ରତିଷ୍ଠା କର । ନିଜ ମଧ୍ୟରେ ନମ୍ରତା ସୃଷ୍ଟି କର ।

**୧୩. ମାନବ ସମାଜ ପ୍ରତି ସହାନୁଭୂତି :**

ନିଜ ଅଧିକାର ଅପେକ୍ଷା ଅନ୍ୟର ଅଧିକାରକୁ ପ୍ରଥମେ ପୂରଣ କରିବା ଶିଖନ୍ତୁ ।

**୧୪. ଜମାତି ସଂସ୍ଥାର ସମ୍ମାନ :**

ଜମାତି ସଂସ୍ଥାର ସମ୍ମାନ, କାଜି ନିଷ୍ପତିକୁ ମାନିବା । ଜମାତି କାର୍ଯ୍ୟାନୁଷ୍ଠାନ ଓ ଆଦେଶାବଳୀ ଉପରେ ଶୀଘ୍ର କାର୍ଯ୍ୟକାରୀ କରିବା ।

**୧୫. ଆର୍ଥିକ ତ୍ୟାଗ/ ଓ୍ୱସିୟତ୍ ସଂସ୍ଥା:**

ଆର୍ଥିକ ତ୍ୟାଗ କରିବା କ୍ଷେତ୍ରରେ ବିଶେଷ ଭାବେ ଓ୍ୱସିୟତ୍ ସଂସ୍ଥାରେ ସାମିଲ ହେବା ।

**୧୬. ତରବିୟତୀ ଜଲସା କରିବା :**

ତରବିୟତୀ ଜଲସା ବାରମ୍ବାର କରିବା ଉଚିତ୍ । ତରବିୟତୀ ଜଲସାଗୁଡ଼ିକରେ ତରବିୟତ ବିଷୟ ବସ୍ତୁ ଉପରେ ହଜରତ ମସିହ ମଉଦ[ଆ.ସ]ଙ୍କ ଉପଦେଶାବଳୀ ଯେପରି ବାପା-ମାଆଙ୍କ ପ୍ରତି କର୍ତବ୍ୟ, ପଡ଼ୋଶୀମାନଙ୍କ ସହ ସଦ୍‌ବ୍ୟବହାର କରିବା, ସତ କହିବା, ଅମାନତ୍‌ରେ ଆତ୍ମସାତ କରିବା ନାହିଁ, ରାଗ ରୋଷ ହେବା ନାହିଁ, ଆର୍ଥିକ ତ୍ୟାଗ କରିବା, ପବିତ୍ର କୋରାନର ତିଲାଓ୍ୱତ୍ କରିବା ଓ ନିଜ ଜଲସାରେ ଅନ୍ୟ ଲୋକମାନଙ୍କୁ ମଧ୍ୟ ଡ଼ାକି ଆଣିବା ।

**୧୭. ଅନ୍ୟମାନଙ୍କ ସହ ବିବାହ କରିବା :**

ଅନ୍ୟ ଧର୍ମାବଲମ୍ବୀ ବା ମତାବଲମ୍ବୀମାନଙ୍କ ସହ ବିବାହ କରିବାରୁ ବଂଚିତ ରହିବା ।

**୧୮. ଅଯଥା ଓ ଅନାବଶ୍ୟକ କଥାରୁ ଦୂରେଇ ରହିବା :**

ନିଶାଯୁକ୍ତ କାର୍ଯ୍ୟରୁ , ଅନାବଶ୍ୟକ କର୍ମରୁ ଏବଂ ଖରାପ ସଙ୍ଗତୀରୁ ସଂପୂର୍ଣ୍ଣ ରୂପେ ବଂଚିତ ରହିବା ।

**୧୯. ଓ୍ୱଫାଏ ଖିଲାଫତ୍ :**

ଖିଲାଫତ ସହ ପ୍ରେମଭାବ ଓ ନିଷ୍ଠାଭାବର ସଂପର୍କ ସ୍ଥାପନ କରିବା ଏବଂ ନିଜ ସନ୍ତାନମାନଙ୍କୁ ମଧ୍ୟ ଖିଲାଫତର ବିଶ୍ୱସ୍ତ ଭାବେ ଗଢିବା ।

**୨୦. ଓହଦେଦାରମାନଙ୍କର କର୍ତବ୍ୟ :**

ଓହଦେଦାର ଏବଂ ଏସଲାହୀ କମିଟିଗୁଡ଼ିକର କର୍ତବ୍ୟ ଯେ ଉକ୍ତ ଉପଦେଶାବଳୀକୁ ମାନି ଚଳିବା ପାଇଁ ଜମାତର ପ୍ରତ୍ୟେକ ଲୋକମାନଙ୍କୁ ବହୁତ ସ୍ନେହ ମମତାର ସହିତ କାର୍ଯ୍ୟକାରୀ କରାଇବା । ସର୍ବ ପ୍ରଥମେ ପ୍ରତ୍ୟେକ ଓହଦେଦାର ନିଜେ ଉତମ ଆଦର୍ଶବାଦୀ ହୁଅନ୍ତୁ ଏବଂ ଯୁଗ ଖଲିଫାଙ୍କ ପ୍ରତ୍ୟେକ ଆଦେଶକୁ ମାନି ଚଳନ୍ତୁ ।

## ଇସ୍‌ଲାମ୍‌ରେ ରହିବା ଅବସ୍ଥାରେ ମୃତ୍ୟୁ ଏବଂ ଅନ୍‌ଜାମ୍ ବଖୈର୍ (ଅନ୍ତିମ ସମୟ ଉତ୍କୃଷ୍ଟ) ହେବାପାଇଁ ଦୁଆ (ପ୍ରାର୍ଥନା)

ହଜ୍‌ରତ୍ ୟୁସୁଫ୍ ଆ:ସଙ୍କ କଏଦୀ ଜୀବନର ପରିସମାପ୍ତି ପରେ ଯେତେବେଳେ ଅଲ୍ଲାଃତାଲା ହୁକୁମତ୍ (ରାଜତ୍ୱ) ପ୍ରଦାନ କଲେଏବଂ ଆପଣଙ୍କ ଭାଇମାନେ ମା' ବାପାଙ୍କୁ ସାଥିରେ ଧରି ଆପଣଙ୍କ ସେବାରେ ହାଜର ହେଲେ ସେତେବେଳେ ଆପଣ ଅଲ୍ଲାଃଙ୍କ ପ୍ରଶଂସାରେ ନିମ୍ନ ଦୁଆ (ପ୍ରାର୍ଥନା) କରିଥିଲେ ।

ରବ୍‌ବି କଦ୍ ଆତୈତନି ମେନଲ୍ ମୁଲ୍‌କି ଓ୍ୱ ଅଲ୍ଲମ୍‌ତନି ମିନ୍ ତାଓ୍ୱିଲିଲ୍ ଆହାଦିସ୍
ଫାତିରସ୍ ସମାଓ୍ୱାତେ ଓ୍ୱଲ୍ ଅରଜି ଅନ୍‌ତ ଓ୍ୱଲିଇ ଫିଦ୍‌ଦୁନିୟା
ଓ୍ୱଲ୍‌ଆଖିରତି ତଓ୍ୱଫଫନି ମୁସ୍‌ଲିମୌଁ ଓ୍ୱ ଅଲ୍‌ହିକ୍‌ନି ବିସ୍‌ସାଲିହିଇନ୍ ।

ଅର୍ଥାତ୍ - ହେ ଆମର ପାଳନକର୍ତା ! ''ତୁମେ ଆମକୁ କ୍ଷମତାର ଏକ ଅଂଶ (ମଧ୍ୟ) ପ୍ରଦାନ କରିଅଛ, ଓ ସ୍ୱପ୍ନର ଅର୍ଥ କରିବାର କିଛି ଜ୍ଞାନ ମଧ୍ୟ ଆମକୁ ଦେଇଅଛ; ହେ ଆକାଶ ଓ ପୃଥିବୀର ସୃଷ୍ଟି କର୍ତା ! ତୁମେ ହିଁ ଇହକାଳ ଓ ପରକାଳରେ ଆମର ସାହାଯ୍ୟ କାରୀ; (ଆମର ମୃତ୍ୟୁ ସମୟ ଉପସ୍ଥିତ ହେବା ସମୟରେ) ଆମକୁ ତୁମର ସମ୍ପୂର୍ଣ୍ଣ ଆଜ୍ଞାବହ ଭାବରେ ମୃତ୍ୟୁ ପ୍ରଦାନ କର; ଏବଂ ଆମକୁ ଧର୍ମନିଷ୍ଠ ଲୋକମାନଙ୍କ ସହିତ ସମ୍ମିଳିତ କର'' । **(ସୁରା ୟୁସୁଫ୍:୧୦୨)**

# ଖୁତ୍‌ବା ଜୁମା

♦ କିଛି ଲୋକ କେତେକ କର୍ମକର୍ତା ଅବା ସାଧାରଣ ଅହେମଦୀଙ୍କ ବିରୁଦ୍ଧରେ ଅଭିଯୋଗ କରିଥାନ୍ତି କି ସେ ଅମକ ଅତ୍ୟାଚ୍ରର କରିଛି ବା ଶରିୟତ୍ର ଅମକ ଆଦେଶର ଉଲଘଂନ କରିଛି । କିନ୍ତୁ ଏପରି ଅଧିକାଂଶ ଅଭିଯୋଗକାରୀ ନିଜର ନାମ ଉଲ୍ଲେଖ କରିନଥାନ୍ତି କିମ୍ୱା ନକଲି ନାମ ଓ ଠିକଣା ଲେଖିଥାନ୍ତି । ତେଣୁ ଏପରି ଅଭିଯୋଗକାରୀଙ୍କ ଅଭିଯୋଗ ଉପରେ କୌଣସି ପଦକ୍ଷେପ ନିଯାଯାଇ ନଥାଏ, ନା ନେବା ଉଚିତ୍ ।

♦ ଏପରି ଅଭିଯୋଗକାରୀ ଯେଉଁମାନେ ନିଜ ନାମ ଉଲ୍ଲେଖ କରିନଥାନ୍ତି ବା ନକଲି ନାମ ଉଲ୍ଲେଖ କରିଥାନ୍ତି । ପ୍ରଥମତଃ ସେମାନେ ମୁନାଫିକ୍ ବା ମିଥ୍ୟାବାଦୀ ହୋଇଥାନ୍ତି । ସାଧାରଣତଃ ଦେଖାଯାଏ ଯେ ଅନ୍ୟ ଉପରେ ଭୟଙ୍କର ଦୋଷାରୋପ ଲଗାଉଥିବା ବ୍ୟକ୍ତି ସେ ଜଣେ ଓ୍ୱହ୍‌ଦାଦାର ହେଉ ବା ଅଣ ଓ୍ୱହ୍‌ଦାଦାର୍ ହେଉ, ସେ ସମୟରେ ସେ ଏପରି ଭୟଙ୍କର ଦୋଷାରୋପ କରିଥାଏ ଯେବେ ସେ ଦେଖେ ଯେ ତା'ର ସ୍ୱାର୍ଥ ଅନ୍ୟଙ୍କ ଦ୍ୱାରା ହାସଲ ହୋଇପାରିବ ନାହିଁ । ତେଣୁ ଅନୁସନ୍ଧାନ (ତହ୍‌କିକ୍) କରିବା ପୂର୍ବରୁ ଏହା ଦେଖିବାକୁ ପଡ଼େ ଯେ ଅଭିଯୋଗକାରୀ କିପରି ବ୍ୟକ୍ତି ଅଟନ୍ତି ।

♦ ସେ ସମସ୍ତ ଅଭିଯୋଗକାରୀମାନେ ଯେଉଁମାନେ ନିଜ ନାମ (ଅଭିଯୋଗ ପତ୍ରରେ) ଉଲ୍ଲେଖ କରିନଥାନ୍ତି, ସ୍ପଷ୍ଟ ରୂପେ ଜାଣି ରଖନ୍ତୁ ଯେ ସେମାନଙ୍କର ଏପରି କାର୍ଯ୍ୟ ଅର୍ଥାତ୍ ନିଜ ନାମ ଉଲ୍ଲେଖ ନ କରିବା ପବିତ୍ର କୋରାନ୍ ଶିକ୍ଷାର ବିରୁଦ୍ଧ ଅଟେ ।

♦ ଯେବେ ନାମ ହିଁ ଉଲ୍ଲେଖ ନାହିଁ ତେବେ ତହ୍‌କିକ୍ କିପରି ହେବ ଏବଂ ଏହା ପବିତ୍ର କୋରାନ୍ ନିର୍ଦ୍ଦେଶର ସମ୍ପୂର୍ଣ୍ଣ ବିରୋଧ ଅଟେ । ତେଣୁ ଅଭିଯୋଗକାରୀ ନିଜେ ପବିତ୍ର କୋରାନ୍‌ର ନିୟମକୁ ଭାଙ୍ଗୁଛି ।......

♦ ମୋକରମ୍ ଶେଖ୍ ସାଯିଦ୍ ମହ୍‌ମୁଦ୍ ସାହେବ୍ ପୁତ୍ର ମୋକରମ୍ ଶେଖ୍ ମଯିଦ୍ ଅହ୍‌ମଦ୍ ସାହେବ ହଲ୍‌କା ଗୁଲ୍‌ଜାର୍ ହିଜ୍‌ରୀ ଜିଲ୍ଲା କରାଚି ନିବାସୀଙ୍କ ଶାହାଦତ୍ । ମୋକରମ୍ ଶେଖ୍ ଅବ୍‌ଦୁଲ୍ କନିର୍ ସାହେବ୍ ସୁପୁତ୍ର ମୋକରମ୍ ଶେଖ ଅବ୍‌ଦୁଲ୍ କରିମ୍ ସାହେବ ଦରୱେଶ୍ କାଦିଆନ୍‌ଙ୍କର ମୃତ୍ୟୁ, ମୋକରମ୍ ତନ୍‌ୱିର ଅହେମଦ୍ ଲୋନ୍ ସାହେବ ନାସ୍‌ରାବାଦ୍ କଶ୍ମୀରି ନିବାସୀଙ୍କ ଶାହାଦାତ୍ । ଉକ୍ତ ସମସ୍ତ (ସ୍ୱର୍ଗୀୟ) ମୃତ ବ୍ୟକ୍ତିଙ୍କ ଉତମ ଚରିତ୍ରର ଚର୍ଚ୍ଚା ଓ ଯନାଜାଃ ଗାଏବ୍ ପାଠ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ: ୨ ଡ଼ିସେମ୍ୱର ୨୦୧୬ ଅନୁଯାୟୀ ୨ ଫତାଃ ୧୩୯୫ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନୱର ଅ:ବ କହିଲେ- କିଛି ଲୋକ କେତେକ କର୍ମକର୍ତା ଅବା ସାଧାରଣ ଅହେମଦିମାନଙ୍କ ବିରୁଦ୍ଧରେ ଅଭିଯୋଗ କରିଥାନ୍ତି କି ସେ ଅମକ ଅତ୍ୟାଚାର କରିଛି ଅବା ଶରିୟତର ଅମକ ଆଦେଶର ଉଲଘଂନ କରିଛି । ସୁତରାଂ ସେମାନଙ୍କ ବିରୁଦ୍ଧରେ ସଙ୍ଗେ ସଙ୍ଗେ ପଦକ୍ଷେପ ନେବା ଉଚିତ୍ କାରଣ ଏପରି ଲୋକ ଜମାଅତକୁ ବଦ୍‌ନାମ କରୁଛନ୍ତି । କିନ୍ତୁ ଏପରି ଅଧିକାଂଶ ଅଭିଯୋଗକାରୀ ନିଜର ନାମ ଉଲ୍ଲେଖ କରିନଥାନ୍ତି କିମ୍ୱା ନକଲି ନାମ ଓ ଠିକଣା ଲେଖିଥାନ୍ତି । ସୁତରାଂ ଏପରି ଅଭିଯୋଗର ଆଧାରରେ କୌଣସି ପଦକ୍ଷେପ ନିଆଯାଇ ନଥାଏ, ନା ନେବା ଉଚିତ୍ । କିଛି ସମୟ ଅତିବାହିତ ହେବା ପରେ ପୁନଃ ସେମାନଙ୍କର ଅଭିଯୋଗ ଆସିଯାଇଥାଏ କି ମୁଁ ଲେଖିଥିଲି କିନ୍ତୁ ଏପର୍ଯ୍ୟନ୍ତ ସେ ବାବଦରେ କୌଣସି ପଦକ୍ଷେପ ନିଆଗଲା ନାହିଁ । ଏହିପରି ଚାଲିଲେ ବଡ଼ ଅସୁବିଧା ହୋଇଯିବ । ଏପରି ବେନାମି ଅଭିଯୋଗ କରିବାର ବେମାରୀ ପାକିସ୍ତାନ ଓ ହିନ୍ଦୁସ୍ତାନର ଲୋକମାନଙ୍କଠାରେ ଅଧିକ ଦେଖିବାକୁ ମିଳିଥାଏ ଏବଂ ଦୁନିଆର ଅନ୍ୟ ସ୍ଥାନୀୟ ଲୋକଙ୍କ ତରଫରୁ କେଜାଣି କେବେ ଏପରି ଅଭିଯୋଗ ଆସିଥିବ । କିନ୍ତୁ ପାକିସ୍ତାନିମାନେ, ଯେଉଁମାନେ ଅନ୍ୟ ଦେଶରେ ମଧ୍ଯ ବସବାସ କରୁଛନ୍ତି, ସେମାନଙ୍କ ଭିତରୁ କିଛି ଲୋକଙ୍କ ନିକଟରେ ଏପରି ରୋଗ ଦେଖାଯାଏ ଯେ ସେମାନେ ଏପରି ବେନାମି ଅଭିଯୋଗ କରି ବସନ୍ତି । ଏହା କୌଣସି ନୂଆ କଥା ନୁହେଁ ବରଂ ପ୍ରତ୍ୟେକ ଯୁଗରେ ଏପରି ଲୋକ ଦେଖିବାକୁ ମିଳିଥାନ୍ତି । ହଜରତ ମୁସଲେହ ମଉଦ ର.ଆ ଏକଦା ଏପରି ଅଭିଯୋଗକାରୀଙ୍କ ସମ୍ୱନ୍ଧରେ ଗୋଟିଏ ଖୁତବା ଦେଇଥିଲେ ଏବଂ ତାହା ଏପରି ଲୋକଙ୍କ ମୁହଁ ବନ୍ଦ କରିବା ନିମନ୍ତେ ଥିଲା । ଆଜି ମୁଁ ଉକ୍ତ ଖୁତବା ମାଧ୍ୟମରେ କିଛି କହିବାକୁ ଚିନ୍ତା କରିଛି ।

ଯେଉଁ ଅଭିଯୋଗକାରୀମାନେ ନିଜ ନାମ ଉଲ୍ଲେଖ କରିନଥାନ୍ତି ଅବା ନକଲି ନାମ ଉଲ୍ଲେଖ କରିଥାନ୍ତି । ସେମାନେ ଅମାନ୍ୟକାରୀ ଅବା ମିଥ୍ୟାବାଦୀ ଅଟନ୍ତି । ଯଦି ସେମାନଙ୍କ ମଧ୍ୟରେ ସାହସ ଓ ସଚ୍ଚୋଟତା ଥାନ୍ତା ତେବେ ସେମାନେ ସମସ୍ତ ପ୍ରକାର ପରିସ୍ଥିତିର ସାମନା କରିଥାନ୍ତେ । ଯଦିଓ ସେମାନେ ପ୍ରତିଜ୍ଞା କରିଥାନ୍ତି କି ଆମେ ଧନ, ଜୀବନ, ସମୟ ଓ ସମ୍ମାନର ବଳିଦାନ ନିମନ୍ତେ ପ୍ରତ୍ୟେକ ମୁହୁର୍ତରେ ପ୍ରସ୍ତୁତ ଅଛୁ କିନ୍ତୁ ଯେତେବେଳେ ଜମାଅତର ସମ୍ମାନ ରକ୍ଷାର ସମୟ ଆସେ ସେତେବେଳେ ନିଜ ନାମ ଗୋପନ ରଖିଥାନ୍ତି ଯଦ୍ୱାରା ସେମାନଙ୍କ ସମ୍ମାନରେ କୌଣସି ପ୍ରକାରର ଆଘାତ ନଆସୁ । ଅତଏବ ଯେ ପ୍ରାରମ୍ଭରୁ ହିଁ ଦୁର୍ବଳତା ପ୍ରଦର୍ଶନ କରିଥାଏ, ତାହାର ଅନ୍ୟାନ୍ୟ ସମସ୍ତ କଥା ଭୁଲ ପ୍ରମାଣିତ ହେବାର ସମ୍ଭବନା ବଢିଯାଇଥାଏ ।

ପବିତ୍ର କୋରାନରେ ଅଲ୍ଲାଃତାଲା କୁହନ୍ତି- ଯଦି ତୁମ ନିକଟରେ କୌଣସି ଖବର ପହଁଚେ ତେବେ ତୁମେ ସେଥି ସମ୍ୱନ୍ଧରେ ପଡ଼ତାଲ କରିନିଅ ଏବଂ ଏକଥା ପ୍ରତ୍ୟେକ ବିଜ୍ଞ ବ୍ୟକ୍ତି ଜାଣନ୍ତି ଯେ, ଖବର ପହଂଚାଇଥିବା ବ୍ୟକ୍ତିର କଥାରେ ସଙ୍ଗେ ସଙ୍ଗେ କୌଣସି ପଡ଼ତାଲ କରାଯାଇ ନଥାଏ ବରଂ ଏହା ଦେଖାଯାଇଥାଏ କି ଖବରଦାତା କିଭଳି ବ୍ୟକ୍ତି ଅଟେ । ସର୍ବ ପ୍ରଥମେ ଉକ୍ତ ବ୍ୟକ୍ତି ସଂକ୍ରାନ୍ତରେ ନିରିକ୍ଷଣ କରାଯାଇଥାଏ କି କଣ ସେ ସମସ୍ତ ପ୍ରକାରର ଅପକର୍ମରୁ ପବିତ୍ର ଅଟେ । ଏପରି ନୁହେଁ କି ସେ ସ୍ୱୟଂ କୌଣସି ଅପକର୍ମରେ ଜଡ଼ିତ ? ଏବଂ ସେ ଜଣେ ଦୁର୍ବଳ ବିଶ୍ୱାସୀ ନୁହେଁ ତ ? ସେ ନିଜେ ଦୁର୍ବଳ ବିଶ୍ୱାସୀ ହୋଇ ଅନ୍ୟ ଉପରେ ଆପତି କରିଥାଉ କି ସେ ଏମିତି, ସେ ସେମିତି ଇତ୍ୟାଦି । ସାଧାରଣତଃ ଦେଖାଯାଏ ଯେ ଅନ୍ୟ ଉପରେ ସଙ୍ଗିନ ଆରୋପ ଲଗାଉଥିବା ବ୍ୟକ୍ତି, ସେ ଓ୍ୱହଦାଦାର୍ ହୁଅନ୍ତୁ ବା ଅଣ ଓ୍ୱହଦାଦାର୍, ସେ ସେତେବେଳେ ସଙ୍ଗିନ ଆରୋପ ଲଗାଇଥାନ୍ତି ଯେତେବେଳେ ସେମାନେ ଅନୁଭବ କରନ୍ତି ଯେ, ସେମାନଙ୍କର ସ୍ୱାର୍ଥରେ ଆଂଚ୍ ଆସେ । ତେଣୁ ସର୍ବ ପ୍ରଥମେ ଦେଖାଯାଇଥାଏ କି ଅଭିଯୋଗକାରୀ ମୋମିନ୍ ନା ଅପକର୍ମୀ । ଯେତେବେଳେ ଅଭିଯୋଗକାରୀ ବିଷୟରେ କୌଣସି ଧାରଣା ହିଁ ନାହିଁ । ତେବେ ସେ କେଉଁ ବିଭାଗରେ ଆସିବ ତାହା ମଧ୍ୟ ଜଣା ପଡ଼ିନଥାଏ । ଯଦି କେହି ଏଭଳି କଥା ଲେଖିଥାଏ, ଯାହାକି ଜମାଅତକୁ ବିପତିରୁ ରକ୍ଷା କରିବା ସମ୍ୱନ୍ଧରେ ଥାଏ ତେବେ ବ୍ୟକ୍ତିଗତ ଭାବରେ ତାହାର ନିରିକ୍ଷଣ କରିନେବା ଉଚିତ୍ । ଏହିପରି ଯଦି ଜଣାପଡ଼େ ଯେ ଅଭିଯୋଗକାରୀ କିଏ ତାହାହେଲେ ଯେପରି କି ମୁଁ କହିଲି ପ୍ରଥମେ ତାଙ୍କ ଆଚରଣ ବାବଦରେ ତହ୍‌କିକ୍ ହେବ । ଏହିପରି ନିଜଆଡୁ ସେ ଯେଉଁ କଥା କହିଛନ୍ତି ତା'ର ସତ୍ୟତା ଉପରେ ମଧ୍ୟ ଅନୁସନ୍ଧାନ ହେବ ଯଦ୍ୱାରା ଜଣାପଡ଼ିବ ଯେ ସେ ସତ କହୁଛନ୍ତି ନା ନାହିଁ । ହଜରତ ମୁସଲେହ ମଉଦ ର.ଆ ଏଥି ସମ୍ୱନ୍ଧରେ ପବିତ୍ର କୋରାନର ଆଦେଶ

ଉଲ୍ଲେଖ କରି କୁହନ୍ତି- ***ଇନ୍ ଜାଆକୁମ୍ ଫାସିକୁମ୍ ବିନବଇନ୍ ଫତବୈୟନୁ ।***

ଯଦି ତୁମ ନିକଟକୁ କୌଣସି ଭ୍ରଷ୍ଟାଚାରୀ ଅଭିଯୋଗ ନେଇ ଆସେ ଏବଂ କାହାରି ସମ୍ବନ୍ଧରେ କିଛି ଖରାପ ସମ୍ବାଦ ଦିଏ ତେବେ ତାହାର ଅନୁସନ୍ଧାନ କରିନିଅ । ତାପରେ କୌଣସି ପଦକ୍ଷେପ ନିଅ କିନ୍ତୁ ଅଭିଯୋଗକାରୀମାନେ ନିଜ ନାମ ଉଲ୍ଲେଖ ନକରି ନିଜେ ଅପରାଧୀମାନଙ୍କ ଅନ୍ତର୍ଭୁକ୍ତ ହୋଇଥାନ୍ତି । ପୁଣି କହିଥାନ୍ତି କି ଆମେ ଯାହା କିଛି ଲେଖିଛୁ ସେହିପରି ତାହାକୁ ସ୍ୱୀକାର କରି ନିଆଯାଉ । ଅର୍ଥାତ ଯାହା ସମ୍ବନ୍ଧରେ ଆମେ ଅଭିଯୋଗ ଆଣିଛୁ ତାହାକୁ ସଙ୍ଗେସଙ୍ଗେ ଦଣ୍ଡ ବିଧାନ କରାଯାଉ । ହଜରତ ମୁସଲେହ ମଉଦ ର.ଆ କୁହନ୍ତି- ଫାସିକ୍‌ର ଅର୍ଥ କେବଳ ଅପକର୍ମୀ ନୁହେଁ । ନିଃସନ୍ଦେହ ଆରବୀରେ ଫାସିକ୍‌ର ଅର୍ଥ ଅପକର୍ମୀ କିନ୍ତୁ ଶବ୍ଦକୋଷରେ ତାହାର ଆହୁରି ଅନେକ ଅର୍ଥ ରହିଛି ଯେପରିକି କଥା କଥାରେ ଉତ୍ୟକ୍ତ ହୋଇ ଝଗଡ଼ କରୁଥିବା ବ୍ୟକ୍ତି, ନିମ୍ନମାନର ଅବଜ୍ଞକାରୀ ତଥା ପୂର୍ଣ ଅବଜ୍ଞାକାରୀ, କାହାରୀ ସାହାର୍ଯ୍ୟ ସହଯୋଗ କରୁ ନଥିବା ବ୍ୟକ୍ତି ଫାସିକ୍‌ର ଅନ୍ତର୍ଭୁକ୍ତ ଅଟେ । ପୁଣି ଫାସିକ୍‌ର ଅର୍ଥ ଯେ ଲୋକଙ୍କ ଛୋଟ ଛୋଟ ଦୋଷତ୍ରୁଟୀକୁ ବଢେଇ ଚଢେଇ କୁହେ ଓ ତାହାକୁ କଦାପି କ୍ଷମା ନକରି, ତାହା ପାଇଁ କଠୋର ଦଣ୍ଡ କାମନା କରିଥାଏ । ହଜରତ ମୁସଲେହ ମଉଦ ର.ଆ ଜଣେ ପୁରୁଣା ନିଷ୍ଠାପର ଅହେମଦି ବନ୍ଧୁଙ୍କ ସମ୍ବନ୍ଧରେ କୁହନ୍ତି ତାଙ୍କର ନିଷ୍ଠା ସମ୍ବନ୍ଧରେ କୌଣସି ସନ୍ଦେହ ନଥିଲା କିନ୍ତୁ ତାଙ୍କର, ଲୋକଙ୍କୁ ଛୋଟ ଛୋଟ କଥାରେ ବଡ଼ ଦଣ୍ଡ ବିଧାନ କରିବାର ଅଭ୍ୟାସ ଥିଲା । ହଜୁର କୁହନ୍ତି ତାଙ୍କ ସ୍ୱଭାବରେ ଥିଲା କି ସେ ଛୋଟ ଛୋଟ କଥାକୁ ଧରି ବସନ୍ତି ଓ ସେଥିପାଇଁ ଲୋକଙ୍କୁ (ଅମାନ୍ୟକାରୀ) କୁଫର ର ନିଷ୍ପତି ଶୁଣେଇ ଦେଇଥାନ୍ତି । ଉଦାହରଣ ସ୍ୱରୂପ ଆପଣ ଲେଖୁଛନ୍ତି ଯେ – ମନେକର ଜଣେ ତଶହୁଦ୍‌ରେ ବସିଛନ୍ତି । ଯେପରି ଅତୟହାତରେ ବସିଛନ୍ତି ଏବଂ ନିଜର ଡାହାଣ ପାଦର ଆଙ୍ଗୁଳି ଗୁଡିକ ଯିଏ ସିଧା ରଖେନାହିଁ (ପାଦ ସିଧା ରଖିବାର ନିର୍ଦ୍ଦେଶ ଅଛି) ତେବେ ତାଙ୍କ ନିକଟରେ ସେ କୁଫର୍ (ଅମାନ୍ୟକାରୀ) ହୋଇଯାଆନ୍ତି । ହଜ୍‌ରତ୍ ମୁସ୍‌ଲେହ ମଉଦ୍ କହୁଛନ୍ତି ମୁଁ 'ନକ୍‌ରସ୍' ର କଷ୍ଟ ଯୋଗୁଁ (ଆପଣଙ୍କୁ gout ଥିଲା) ଡାହାଣ ପାଦର ଆଙ୍ଗୁଳି ଗୁଡିକ ସିଧା ରଖିପାରେ ନାହିଁ । ପୂର୍ବରୁ ମୋ ପାଦ ଠିକ୍ ଥିବା ସମୟରେ ରଖୁଥିଲି । ଆପଣ କହୁଛନ୍ତି ଯଦି ହାଫିଜ୍ ସାହେବ (ସେ ହାଫିଜ୍ ଥିଲେ) ଜୀବିତ ଥାନ୍ତେ ତେବେ ସନ୍ଧ୍ୟା ହେଉ ହେଉ ମୋ ଉପରେ କୁଫର୍ (ଅମାନ୍ୟକାରୀ) ର ଫତ୍‌ୱା ଲଗାଇ ଦେଇଥାନ୍ତେ । ତେଣୁ ଏପରି ଲୋକ ମଧ୍ୟ ଅଛନ୍ତି । ଏଥିପାଇଁ ଲଗାଇଥାନ୍ତେ ଯେ ଇଏ ପାଦର ଆଙ୍ଗୁଳିଗୁଡିକ ସିଧା କରୁନାହାଁନ୍ତି ଏବଂ ଏପରି କରିବା ରସୁଲୁଲ୍ଲାଃ ସ୍ୱ:ଆ:ସ ଙ୍କ ସୁନ୍ନତ ଉପରେ ଇମାନ୍ ନାହିଁ । ଯଦି ରସୁଲୁଲ୍ଲାଃଙ୍କ ସୁନ୍ନତ ଉପରେ ବିଶ୍ୱାସ ନାହିଁ ତେବେ ପବିତ୍ର କୋରାନ୍ ଉପରେ ମଧ୍ୟ ବିଶ୍ୱାସ ନାହିଁ ଏବଂ ଯଦି କେରାନ୍ ଉପରେ ମଧ୍ୟ ବିଶ୍ୱାସ ନାହିଁ ତେବେ ଅଲ୍ଲାଃତାଲାଙ୍କ ଉପରେ ମଧ୍ୟ ଇମାନ୍ ନାହିଁ । ତେଣୁ କାଫିର୍ ହୋଇଗଲେ । ତେବେ ହଜରତ ମୁସଲେହ ମଉଦ ର.ଆ ଏଭଳି ନିଷ୍ଠାପର କିନ୍ତୁ ତିବ୍ର ସ୍ୱଭାବୀର ଉଦାହରଣ ଦେଇଛନ୍ତି । କିନ୍ତୁ ଯେ ନିଜ ନାମ ଗୋପନ ରଖିଥାଏ ଓ ଦୁର୍ବଳ ବିଶ୍ୱାସୀ ହୋଇ ଅନ୍ୟ ଉପରେ ଫତ୍‌ୱା (ନିୟମ ଧାର୍ଯ୍ୟ) ଜାରି କରିଥାଏ । ସେ ମଧ୍ୟ ଫାସିକ୍‌ର ଅନ୍ତର୍ଭୁକ୍ତ ଅଟେ ।

ଅତଏବ ସେ ସମସ୍ତ ଅଭିଯୋଗକାରୀମାନେ ଯେ ନିଜ ନାମ (ଅଭିଯୋଗ ପତ୍ରରେ) ଉଲ୍ଲେଖ କରିନଥାନ୍ତି, ଭଲ ଭାବରେ ମନେରଖନ୍ତୁ କି ସେମାନଙ୍କର ଏପରି କାର୍ଯ୍ୟ ଅର୍ଥାତ ନିଜ ନାମ ଉଲ୍ଲେଖ ନକରିବା ପବିତ୍ର କୋରାନ ଶିକ୍ଷାର ବିରୁଦ୍ଧ ଅଟେ । ପବିତ୍ର କୋରାନରେ ଉଲ୍ଲେଖ ରହିଛି ଯେ, ସର୍ବ ପ୍ରଥମେ ଅଭିଯୋଗକାରୀ ସମ୍ବନ୍ଧରେ ପଡ଼ତାଲ କର । ଯଦି ଅନୁସନ୍ଧାନ ନକରି କେବଳ ଅଭିଯୋଗକାରୀର କହିବା ଅନୁଯାୟୀ ପଦକ୍ଷେପ ନିଆଯାଏ ତେବେ ଜମାଅତ ଉନ୍ନତି କରିବା ପରିବର୍ତେ ଅବନତି କରିବା ଆରମ୍ଭ କରିଦେବ । ଏପରି ଅବସ୍ଥାରେ କେହି ବି ଛିଡ଼ା ହୋଇ କହିବା ଆରମ୍ଭ କରିଦେବ କି ମୋ କହିବା ଅନୁଯାୟୀ ନିଷ୍ପତି ଦିଆଯାଉ, ସେତେବେଳେ ଖଲିଫା ଓ ଜମାଅତର ବ୍ୟବସ୍ଥାର କୌଣସି ଅସ୍ତିତ୍ୱ ବାକି ରହିବ ନାହିଁ । ହଜରତ ମୁସଲେହ ମଉଦ ର.ଆ କୁହନ୍ତି ଯଦି ମୁଁ ଜାଣିଥାଏ କି ଅଭିଯୋଗକାରୀ ବେଶ୍ ସତର୍କ, ସତ୍ୟବାଦୀ ଓ ନିଷ୍ଠାପର ବ୍ୟକ୍ତି ଅଟେ । ତଥାପି ମଧ୍ୟ ତାହାର ଅନୁସନ୍ଧାନ କରାଯିବ ଏବଂ କରିବା ଆବଶ୍ୟକ । ଯଦି ଏହା ବିଶ୍ୱାସ ମଧ୍ୟ ହୋଇଯାଏ ଯେପରି ମୁଁ କହିଲି ଯେ ଅଭିଯୋଗକାରୀ ପୁଣ୍ୟବାନ୍, ସତ୍ୟବାଦି ଓ ଭୁଲ ମଧ୍ୟ କରନ୍ତି ନାହିଁ ଏବଂ ତାଙ୍କର ଏଖ୍‌ଲାସ୍ (ନିଷ୍ଠା) ମଧ୍ୟ ଅଛି ବୋଲି, ତା'ହେଲେ ମଧ୍ୟ ଏହି ମାମଲାର ଅନୁସନ୍ଧାନ କରାଯିବ । କାରଣ କୌଣସି ବ୍ୟକ୍ତି ଏହା କରିପାରିବ ନାହିଁ ଯେ ଯେହେତୁ ମୁଁ ଏହାକୁ କହୁଛି ତେଣୁ ଏପରି ହେବା ଉଚିତ୍ ଏବ ତଦାନୁଯାୟୀ ନିଷ୍ପତି ହେବା ଦରକାର ବୋଲି । ଆପଣ କୁହନ୍ତି- ଏକଦା ହଜରତ ମହମ୍ମଦ ସ.ଆ ନମାଜ ପାଠ କରୁଥିବା ଅବସ୍ଥାରେ କିଛି ତ୍ରୁଟୀ ହୋଇଗଲା ସେତେବେଳେ ହଜରତ ଅଲ୍ଲୀ ର.ଆ ଆପଣଙ୍କ ପଛରେ ନମାଜ ପାଠ କରୁଥିଲେ ଏବଂ ହଜୁର ସ.ଆଙ୍କ ତ୍ରୁଟୀ ସଂଶୋଧନ କରିବାକୁ ଚେଷ୍ଟା କଲେ କିନ୍ତୁ ହଜୁର ଏହାକୁ ପସନ୍ଦ କଲେ ନାହିଁ ଓ ପରବର୍ତୀ ସମୟରେ ତାଙ୍କୁ କହିଲେ ତୁମକୁ ଲୁକ୍‌ମା ଦେବାକୁ କିଏ କହିଥିଲା । ହଜରତ ମୁସଲେହ ମଉଦ ର.ଆ କୁହନ୍ତି ଏପରି କହିବାରେ ତାତ୍‌ପର୍ଯ୍ୟ ସମ୍ଭବତଃ ଏହା ଥିଲା କି ତୁମକୁ ବଡ଼ ବଡ଼ କାର୍ଯ୍ୟ ସମ୍ପାଦନ କରିବାର ଅଛି । ଏ ଛୋଟ ଛୋଟ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଛାଡ଼ିଦିଅ । ଅବା ଏହା ହୋଇପାରେ କି ଏହା ସେହି କାରୀମାନଙ୍କ କାର୍ଯ୍ୟ ଯେ ହଜୁର ସ.ଆଙ୍କ ଠାରୁ କୋରାନ ଶିକ୍ଷା ହାସଲ କରୁଛନ୍ତି । ତେଣୁ ତୁମେ ତାହାକୁ ତାଙ୍କ ପାଇଁ ଛାଡ଼ି ଦିଅ ହଜରତ ମୁସଲେହ ମଉଦ ର.ଆ ଏପରି ବେନାମୀ ଅଭିଯୋଗକାରୀଙ୍କ ସମ୍ବନ୍ଧରେ କୁହନ୍ତି– ସମ୍ଭବତଃ ସେ ଜଣେ ବିଶିଷ୍ଟ ବ୍ୟକ୍ତି ହୋଇଥାଇ ପାରନ୍ତି । ତେବେ ମୁଁ ତାଙ୍କୁ କହିବାକୁ ଚାହେଁ ଯେ, ତୁମେ ଏସବୁ ଅନ୍ୟମାନଙ୍କ ପାଇଁ ଛାଡ଼ି ଦିଅ ଏବଂ ନିଜ କାର୍ଯ୍ୟ ପ୍ରତି ଧ୍ୟାନ ଦିଅ । ସୁତରାଂ ଅଭିଯୋଗକାରୀ ନିଜ ନାମ ଉଲ୍ଲେଖ ନକରିବା ତାହାର ସ୍ତର ଓ ମର୍ଯ୍ୟାଦାକୁ ଗୋପନ କରିଥାଏ । ତେଣୁ ତାହାକୁ ବୁଝାଇବା ସମ୍ଭବ ନୁହେଁ । ଦ୍ୱିତୀୟରେ ସେ ଜଣଙ୍କର ଅଭିଯୋଗ କରି କୋରନ ଓ ରସୁଲ ସ.ଆଙ୍କ ଶିକ୍ଷାର ଅବଜ୍ଞାକାରୀ ହୋଇଥାଏ । କାରଣ ରସୁଲୁଲ୍ଲାଃ ସ୍ୱ:ଆ:ସ ଏବଂ ପବିତ୍ର କୋରାନ୍ ଶିକ୍ଷାର ଖିଲାପ କାର୍ଯ୍ୟ କରିବା ବହୁତ୍ ବଡ଼ ଦୋଷ ଅଟେ । ତେଣୁ ବହୁତ ବଡ଼ ଭୁଲ୍ ତାଙ୍କ ଦ୍ୱାରା ହୋଇଥାଏ । ଯଦି କୌଣସି ମୁସଲ୍‌ମାନ୍ ପବିତ୍ର କୋରାନ୍ ଓ ରସୁଲ ସ:ଆ:ସ ଙ୍କ ଖିଲାପରେ କିଛି କାର୍ଯ୍ୟ କରୁନାହିଁ ତେବେ ତାହା ଭୁଲ୍ ନୁହେଁ, କିନ୍ତୁ ଯଦି ସେହି ଶିକ୍ଷାର ଖିଲାଫରେ କୌଣସି କାର୍ଯ୍ୟ କରେ ତେବେ ତାହା ଦୋଷ ଅଟେ । ଯାହାହେଉ ଏହି ଅଭିଯୋଗକାରୀ ଗୋଟିଏ ପଟେ ଏହା କହିଥାଏ ଯେ ଏମାନେ ପବିତ୍ର କୋରାନ ଓ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଶିକ୍ଷାର ଖିଲାଫ୍ କାର୍ଯ୍ୟ କରୁଛନ୍ତି । ପୁଣି ଅଭିଯୋଗ କରିବାର ଯେଉଁ ସର୍ତ ରହିଛି ତାହାକୁ ଭଙ୍ଗ କରିଥାଏ ଏବଂ ଅଧିକାଂଶ ଲୋକ ଏପରି ହିଁ କରିଥାନ୍ତି । ହଜୁର କୁହନ୍ତି ମୋତେ ମଧ୍ୟ ଅଭିଯୋଗ ଲେଖି ପଠାଉ ଥିବା ବ୍ୟକ୍ତିମାନେ ସେହି ସର୍ତାବଳୀର ଅବମାନନା କରିଥାନ୍ତି । ଆମର ମୂଳ ଲକ୍ଷ ପବିତ୍ର କୋରାନର ଆଦେଶ ଓ ସୁନ୍ନତ ମୁତାବକ ଅମଳ କରିବା ଅଟେ ଏବଂ ପବିତ୍ର କୋରାନ ଦର୍ଶାଉଛି ଯେ, ଯେତେବେଳେ ଏପରି କାର୍ଯ୍ୟ କର ତେବେ ସ୍ୱାଧୀନ ଭାବରେ ସମସ୍ତ ପ୍ରମାଣର ସହ ନିଜ ମତାମତ ଉପସ୍ଥାପନ କର । ଯଦ୍ୱାରା ସଠିକ୍ ଅନୁସନ୍ଧାନ ହୋଇପାରିବ କିନ୍ତୁ ଯେତେବେଳେ ନାମ ହିଁ ଲେଖା ନଥିବ, ଅନୁସନ୍ଧାନ କିପରି ହେବ । ଏହା କୋରାନର ନୀୟମ ବିରୁଦ୍ଧ ଅଟେ । ସୁତରାଂ ଅଭିଯୋଗକାରୀମାନେ ଏପରି କୋରାନର ଆଦେଶର ଉଲଙ୍ଘନ କରିଥାନ୍ତି । ପବିତ୍ର କୋରାନ ଓ ହଜରତ ମହମ୍ମଦ ସ.ଆଙ୍କ ଶିକ୍ଷା ମୁତାବକ ଅମଳ କରିବା ହିଁ ପୁଣ୍ୟ ଅଟେ । ଏକଥା ସର୍ବଦା ମନେରଖିବା ଉଚିତ୍ । ବ୍ୟକ୍ତିଗତ ଭାବରେ କିମ୍ବା ସମାଜର ପ୍ରଭାବରେ ଯଦି କାହାର କୌଣସି କଥା ଖରାପ ଲାଗେ କିନ୍ତୁ ତାହା କୋରାନ ଓ ହଜରତ ମହମ୍ମଦ ସ.ଆଙ୍କ ଶିକ୍ଷା ମୁତାବକ ହୋଇଥାଏ ତେବେ ତାହା ଠିକ୍ ଅଟେ ଏବଂ ସେଥିରେ କିଛି ତ୍ରୁଟୀ ନାହିଁ ବୋଲି ମଣିବା ଉଚିତ୍ । କିଛି ଲୋକେ ନିଜର ସ୍ୱଭାବ ଏବଂ ପ୍ରଥାରେ ପ୍ରଭାବିତ ହୋଇ କିଛି ମାମଲାରେ କଠୋର ମନୋଭାବ ପୋଷଣ କରିଥାନ୍ତି । କିନ୍ତୁ ତାଙ୍କ କାଥା ଧର୍ମ ସମ୍ବନ୍ଧୀୟ ହେଲେ ମଧ୍ୟ ମୂଲ୍ୟହୀନ ହୋଇଥାଏ । ଏଥି ସମ୍ବନ୍ଧରେ ହଜରତ ମୁସଲେହ ମଉଦ ର.ଆ ଏକ ଘଟଣାର ଚର୍ଚ୍ଚା କରି କୁହନ୍ତି- ଏକଦା ହଜରତ ମସିହ ମଉଦ ଆ.ସ ହଜରତ ଅମ୍ମାଜାନ୍‌ଙ୍କ ସହ ରେଳ ଷ୍ଟେସନରେ ଭ୍ରମଣ କରୁଥିଲେ । ସେତେବେଳ ଯୁଗରେ ମହିଳାମାନଙ୍କ ପାଇଁ ପରଦାର ବେଶ୍ କଠୋର ରୂପ ଥିଲା । ମହିଳାମାନେ ସବାରୀରେ ବସି ଷ୍ଟେସନ୍ ଆସନ୍ତି, ଯାହାର ଉଭୟ ପାର୍ଶ୍ୱରେ ଚଦର ଲଟକିଥାଏ ଏବଂ ଯେତେବେଳେ ରେଳଗାଡ଼ିରେ ବସିଯାନ୍ତି, ଗାଡ଼ିର ଝରକା ବନ୍ଦ କରିଦିଆ ଯାଇଥାଏ । ଯେପରିକି ମହିଳାଙ୍କ ଉପରେ କୌଣସି ପୁରୁଷର ନଜର ନପଡ଼ିଯାଉ । ଆପଣ କୁହନ୍ତି ପରଦା କରିବା ବଡ଼ କଷ୍ଟଦାୟକ ତଥା ଇସଲାମୀୟ ଶିକ୍ଷା ବିରୁଦ୍ଧ ଥିଲା । କିନ୍ତୁ ହଜରତ ମସିହ ମଉଦ ଆ.ସ ଇସଲାମୀୟ ଶିକ୍ଷାର ଅନୁସରଣକାରୀ ଥିଲେ । ହଜରତ ଅମ୍ମାଜାନ୍ ବୁରକା ପରିଧାନ କରି ଭ୍ରମଣ କରିବାକୁ ବାହାରକୁ ଯାଇଥାନ୍ତି । ସେଦିନ

ମଧ୍ୟ ହଜରତ ଅମ୍ମାଜାନ ବୁରକା ପିନ୍ଧି ହଜୁର ଆ.ସଙ୍କ ସହ ପ୍ଲାଟଫର୍ମରେ ଭ୍ରମଣ କରୁଥିଲେ । ମୌ. ଅବଦୁଲ କରିମ୍ ସାହେବ ଓ ପ୍ରଥମ ଖଲିଫା ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ମୌ. ଅବଦୁଲ କରିମ୍ ସାହେବ ଚଂଚଳ ସ୍ୱଭାବର ଥିଲେ । ସେ ମନେକଲେ ଯେ ଏହା ଠିକ୍ ହେଉ ନାହିଁ କିନ୍ତୁ ହଜୁର ଆ.ସଙ୍କୁ ତାଙ୍କର ଏ ବିଷୟରେ କହିବାର ସାହାସ ନଥିଲା । ତେଣୁ ସେ ପ୍ରଥମ ଖଲିଫାଙ୍କ ନିକଟକୁ ଯାଇ କହିଲେ ମୌଲବି ସାହେବ ଯେ କି ଅନିଷ୍ଟ ହେଉଛି । କାଲି ସମସ୍ତ ଖବର କାଗଜରେ ପ୍ରକାଶିତ ହୋଇଯିବ ଯେ, ମିର୍ଜା ସାହେବ ନିଜ ପତ୍ନୀଙ୍କ ସହ ପ୍ଲାଟଫର୍ମରେ ଭ୍ରମଣ କରୁଥିଲେ । ଆପଣ ଯାଇ ହଜୁରଙ୍କୁ ଏପରି କରିବାକୁ ବାରଣ କରନ୍ତୁ । ପ୍ରଥମ ଖଲିଫା କହିଲେ ମୋତେ ତ ଏଥିରେ ସେମିତି କିଛି ଖରାପ ଲାଗୁ ନାହିଁ । ଯଦି ଆପଣଙ୍କୁ ମନେ ହେଉଛି ତେବେ ସ୍ୱୟଂ ଯାଇ କହିଦିଅନ୍ତୁ । ଅତଏବ ମୌ. ଅବଦୁଲ କରିମ୍ ସାହେବ ହଜୁର ଆ.ସଙ୍କ ନିକଟକୁ ଗଲେ, ହଜୁର ବହୁ ଆଗକୁ ଚାଲିଯାଇଥିଲେ । ସେଠାରୁ ମୌଲବି ସାହେବ ମୁଣ୍ଡ ଲଟକାଇ ଫେରିଲେ । ପ୍ରଥମ ଖଲିଫା କୁହନ୍ତି ମୋର ଆଗ୍ରହ ହେଲା କି ମୁଁ ପଚାରେ କଣ ଉତର ମିଳିଲା । ସୁତରାଂ ମୁଁ ଯାଇ ତାଙ୍କୁ ପଚାରିବାରୁ ମୌଲବି ସାହେବ କହିଲେ- ଯେତେବେଳେ ମୁଁ ହଜୁର ଆ.ସଙ୍କୁ କହିଲି କି ଆପଣ ହଜରତ ଅମ୍ମାଜାନଙ୍କ ସହ ଏପରି ଭ୍ରମଣ କରୁଛନ୍ତି ଲୋକେ କଣ କହିବେ । ଏଥିରେ ହଜୁର ଉତର ଦେଲେ କଣ କହିବେ, ଏହା ଯେ ମିର୍ଜା ସାହେବ ନିଜ ପତ୍ନୀଙ୍କ ସହ ଭ୍ରମଣ କରୁଥିଲେ । ଏହା ଶୁଣି ମୁଁ ଲଜ୍ଜିତ ହୋଇ ଫେରି ଆସିଲି । ହଜ୍‌ରତ୍ ଉମ୍ମୁଲ୍ ମୁମେନିନ୍ ପର୍ଦା କରିଥିଲେ ଏବଂ ପୁଣି ସ୍ୱାମୀ ସ୍ତ୍ରୀ ଉଭୟଙ୍କର ଏକାଠି ବୁଲିବାରେ କୌଣସି ଆପତି ନାହିଁ । ରସୁଲୁଲ୍ଲାଃ ସ:ଆ:ସ ନିଜ ସ୍ତ୍ରୀ ମାନଙ୍କ ସହିତ ଭ୍ରମଣ କରନ୍ତି । ଥରେ ଲୋକଙ୍କ ସମ୍ମୁଖରେ ରସୁଲୁଲ୍ଲାଃ ସ:ଆ:ସ ଓ ହଜ୍‌ରତ୍ ଆଇଶା ଦଉଡ଼ ପ୍ରତିଯୋଗିତା କରିଥିଲେ । ରସୁଲୁଲ୍ଲାଃ ସ:ଆ:ସ ପ୍ରଥମଥର ପଛରେ ରହିଗଲେ ଏବଂ ହଜ୍‌ରତ୍ ଆଇଶା ର:ଅ ଜିତିଗଲେ । କିଛି ସମୟ ପରେ ଦ୍ୱିତୀୟ ଥର ଦଉଡ଼ ହେଲା । ଏଥର ରସୁଲୁଲ୍ଲାଃ ସ:ଆ:ସ ଆଇଶାଙ୍କଠାରୁ ଜିତିଗଲେ ଏବଂ ସେ ହାରିଗଲେ । ରସୁଲୁଲ୍ଲାଃ ସ:ଆ:ସ ଏ ସମ୍ବନ୍ଧରେ କହିଲେ ***ତିଲ୍‌କା ବି ତିଲ୍‌କା*** ଅର୍ଥାତ୍:- ସେଥରକ ହାରିବାର ବଦଳା (ତୁମର) ଏହି ହାରିବା ହୋଇଗଲା ।ଦେଖ ହଜରତ ମହମ୍ମଦ ସ.ଆ ନିଜ ପତ୍ନୀମାନଙ୍କ ସହ ଭ୍ରମଣ କରିବାକୁ ଖରାପ ମଣୁ ନଥିଲେ । ଇସଲାମ ଆମକୁ ଯାହାର ଅନୁମତି ପ୍ରଦାନ କରିଛି ତାହା କଦାପି ଖରାପ ନୁହେଁ ।

ସୁତରାଂ ଯଦି ଜଣେ ଅନ୍ୟ ଜଣକ ଉପରେ ଆପତି କରେ ତେବେ ତାହାର ଅର୍ଥ ସେହି ବ୍ୟକ୍ତି ତାହା ଦୃଷ୍ଟିରେ ଇସଲାମୀୟ ଶିକ୍ଷା ମୁତାବକ ଅମଳ କରୁ ନାହିଁ । ହଜରତ ମୁସଲେହ ମଉଦ ର.ଆ ଅଭିଯୋଗକାରୀଙ୍କ ସମ୍ବନ୍ଧରେ କୁହନ୍ତି କି ସେ ନିଜ ପତ୍ରରେ ଲେଖିଥାଏ ଯେ ଅମକ ବ୍ୟକ୍ତି ନିମ୍ନ ଶ୍ରେଣୀର, ମନ୍ଦ ସ୍ୱଭାବର ଅଟେ । ତାହାକୁ ଆପଣ ଅମକ କାର୍ଯ୍ୟଭାର ପ୍ରଦାନ କରିଛନ୍ତି । ପୁଣି ଉକ୍ତ ବ୍ୟକ୍ତି ସଂକ୍ରାନ୍ତରେ କେତେକ ଏପରି ଆପତି କରିଥାଏ ଯାହା ସମ୍ବନ୍ଧରେ ଶରିୟତ ମଧ୍ୟ ସାକ୍ଷୀ ଲୋଡ଼ିଥାଏ । ଅର୍ଥାତ୍ ଶରିୟତ୍ ଏ ସମ୍ବନ୍ଧରେ କହୁଛି କି ଆପତିଭିତିକ ବିଷୟ ଦେଖିବାର ଯଦି ଚାରିଟି ସାକ୍ଷୀ ଅଛି ତେବେ ସେ ଅଭିଯୋଗ କରିପାରିବ ନଚେତ୍ କରିପାରିବ ନାହିଁ । କିଛି ଲୋକ ଏପରି ଭାବେ କୌଣସି ଝିଅ ଓ ପୁଅ ମଧ୍ୟରେ ସମ୍ପର୍କ ଅଛି ବୋଲି ଆରୋପ ଲଗାଇ ଦେଉଛନ୍ତି । ଯଦି (ଅନୈତିକ) ସମ୍ପର୍କର ଆରୋପ ଲଗାଉଛ ତା'ହେଲେ ତା'ପାଇଁ ଚାରିଟି ସାକ୍ଷୀ ଦେବା ଇସ୍‌ଲାମ୍ ଧାର୍ଯ୍ୟ କରିଛି । ଆପଣ କହୁଛନ୍ତି ଆଶ୍ଚର୍ଯ୍ୟର କଥା ଏହା ଯେ ଜଣଙ୍କୁ ଦୀନ୍‌ର ସମ୍ମାନ ଏତେ ଯେ ସେ ନିଜେ ପବିତ୍ର କୋରାନ୍ ଶିକ୍ଷାର ଖିଲାଫ ଅମଳ କରୁଛି ଏବଂ ଅନ୍ୟ ଉପରେ ଏପରି ଇଲଜାମ୍ ଲଗାଉଛି ଯାହାକୁ ଲଗାଇବା ପାଇଁ ପବିତ୍ର କୋରାନ୍ ମନା କରୁଛି ଏବଂ ନା କେବଳ ମନା କରୁଛି ବରଂ ତା'ର ଏପରି ଆରୋପ ଲଗାଇବା ଉପରେ ଦଣ୍ଡର ଆଦେଶ ମଧ୍ୟ ଦେଇଛି କି କାହା ଉପରେ ଏପରି ଭୂଲ୍ ଆରୋପ ଲଗାଇବା ବ୍ୟକ୍ତି ବା ଏପରି କହିବା ବ୍ୟକ୍ତିଙ୍କୁ ୮୦(ଅଶି) କୋଡ଼ା ଦଣ୍ଡ ଦିଆଯାଉ । ତେଣୁ ଶରିୟତ୍‌ର ଏପରି କଠିନ ନିୟମକୁ ସେ ମାନୁନାହିଁ । କିନ୍ତୁ କହୁଛି ଯେ ଅମୁକ ବ୍ୟକ୍ତି କୋରାନି ଶିକ୍ଷାର ଖିଲାଫ ଅମଳ କରୁଛି । ବାସ୍ତବିକ ସେ ନିଜେ କୋରାନି ଶିକ୍ଷାର ଖିଲାଫ ଅମଳ କରୁଛି । ଆପଣ କୁହନ୍ତି ପ୍ରଥମତଃ ଅଭିଯୋଗକାରୀ କେଉଁ ସ୍ତରର ନିରିକ୍ଷଣ କରିବାକୁ ହେବ । କିନ୍ତୁ ସେ ନିଜ ନାମ ଗୋପନ ରଖିବା ସହିତ ଆବଶ୍ୟକୀୟ ପ୍ରମାଣ ନଦେବା ଶରିୟତ ନିୟମର ବିରୁଦ୍ଧାଚରଣ କରିବା ଅଟେ । ଦେଖ ଶରିୟତର ନିର୍ଦ୍ଦେଶରୁ ନା ମୁଁ ସ୍ୱାଧୀନ ନା ହଜରତ ମସିହ ମଉଦ ଆ.ସ ସ୍ୱାଧୀନ ଥିଲେ । ଏପରିକି ସ୍ୱୟଂ ହଜରତ ମହମ୍ମଦ ସ.ଆ ମଧ୍ୟ ଶରୀୟତ୍‌ର ନିର୍ଦ୍ଦେଶ ମୁତାବକ ଅମଳ କରିବା ପାଇଁ ବାଧ୍ୟ ଥିଲେ । କିନ୍ତୁ ଉକ୍ତ ବ୍ୟକ୍ତି ଏପରି କିଛି ଆପତି କରିଛନ୍ତି ଯାହାର କି ଶରିୟତ ପୂର୍ବରୁ ସୀମା ଧାର୍ଯ୍ୟ କରିଦେଇଛି । ତଦନୁଯାୟୀ କାର୍ଯ୍ୟ କରିବା ଜରୁରୀ ଅଟେ । କିନ୍ତୁ ବିଡ଼ମ୍ବନା ଦେଖ କି ଏଠାରେ ଅଭିଯୋଗକାରୀ ନିର୍ଦ୍ଦେଶ ଦେଇଥାଏ କି ଅମକ ଲୋକ କୋରାନର ଅମକ ଆଦେଶର ଉଲଙ୍ଘନ କରିଛି ତେଣୁ ତାହାକୁ ଦଣ୍ଡ ଦିଆଯାଉ ଓ ମୋତେ କିଛି ପଚରା ନଯାଉ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି – ମତେ ପିଲାଦିନର ଗୋଟିଏ ହସକଥା ମନେ ପଡ଼ିଯାଉଛି । ସେତେବେଳେ ମୁଁ ଏଥିରୁ ବହୁତ ମଜା ନେଇଥିଲି ଏବଂ ଏବେ ଯେବେ ଏହା ମନେ ପଡ଼େ ମତେ ବହୁତ ହସଲାଗେ । କହୁଛନ୍ତି ମୁଁ ପାଂଚ ବା ଛଅ ଶ୍ରେଣୀରେ ପଢୁଥାଏ । ଆମର ଶିକ୍ଷକ ଗୋଟିଏ ତରିକା ଏପରି ନିର୍ଣ୍ଣୟ କରିଥିଲେ ଯେ ତାଙ୍କ ପ୍ରଶ୍ନର ଉତର ଯିଏ ନିର୍ଦ୍ଦିଷ୍ଟ ସମୟରେ ଦେବ ସେ ଉପର ସଂଖ୍ୟାକୁ ଉନ୍ନିତ ହେବ । ଆମେ ଛିଡ଼ା ହେଇଥିଲୁ ଶିକ୍ଷକ ପ୍ରଶ୍ନ ପଚାରିଲେ । ଗୋଟିଏ ପିଲା ଉତର ଦେଲା । ଦ୍ୱିତୀୟ ପିଲାଟି ହାତ ଉଠାଇ କହିଲା ସାର୍ ଏ ଉତର ଭୁଲ୍ (ଗଲତ୍) ଅଟେ । ସାର୍ ପ୍ରଥମ ପିଲାଟିକୁ କହିଲେ ତୁମେ ତଳକୁ ଆସିଯାଅ ଏବଂ ଦ୍ୱିତୀୟ ପିଲାକୁ କହିଲେ ତୁମେ ଉପରକୁ ଚାଲିଯାଅ । ପ୍ରଥମ ପିଲାଟି ତଳକୁ ଆସିବା କ୍ଷଣି କହିଲା ସାର୍ ସେ ମୋ ଭୁଲ୍ (ଗଲତି) ବାହାର କରିବା ସମୟରେ "ଗଲତ୍" ଶବ୍ଦକୁ "ଗଲ୍‌ତ୍" କହିଛି ଯାହା "ଗଲତ୍" ଅଟେ । ସାର୍ ପୁଣି ତାକୁ ପୂର୍ବ ସ୍ଥାନରେ ଛିଡ଼ା କରାଇଦେଲେ । ଦ୍ୱିତୀୟ ପିଲାକୁ ପୁଣି ତଳକୁ ପଠାଇଦେଲେ । ଆପଣ କହୁଛନ୍ତି ଏପରି ଅବସ୍ଥା କିଛି ଅଭିଯୋଗକାରୀଙ୍କର ହୋଇଥାଏ ।

ଆପତୀକାରୀ ଭୁଲ କିମ୍ବା ଠିକ୍ ଆପତୀ କରିଥାଏ ତାହା ଅଲଗା କଥା କିନ୍ତୁ ଆପତି କରିବାର ଶୈଳୀ ଆପରାଧିକ ଅଟେ । ଏପରି ଅନ୍ୟକୁ ଦଣ୍ଡ ଦେବା ପ୍ରଚେଷ୍ଟାରେ ସେ ନିଜେ ଦଣ୍ଡ ପାଇବାର ଅଧିକାରୀ ହୋଇଥାଏ । ପୁଣି ଚିତ୍କାର କରିଥାଏ କି ଅପରାଧୀକୁ କେହି ଧରୁ ନାହାନ୍ତି କିନ୍ତୁ ଯେ ଏଥିପ୍ରତି ଧ୍ୟାନ ଆକର୍ଷିତ କରୁଛି ସେ ଦଣ୍ଡ ପାଉଛି । ଏପରି ବ୍ୟକ୍ତିଙ୍କୁ ଜାଣି ରଖିବା ଉଚିତ୍ ଯେ, ଦଣ୍ଡ ବିଧାନକାରୀ ମଧ୍ୟ ଶରିୟତର ଅଧିନ ଅଟେ । ଯଦି ତୁମେ ପବିତ୍ର କୋରାନର ଆଦେଶକୁ ପ୍ରତିଷ୍ଠା କରିବାକୁ ଚାହୁଁଛ ତେବେ ପ୍ରଥମେ ନିଜେ ଉକ୍ତ ଆଦେଶାବଳୀର ପାଳନ କର । କିନ୍ତୁ ଯଦି ଚାହୁଁଛ କି ଅନ୍ୟମାନେ ଅଲ୍ଲାଃଙ୍କ ଆଦେଶ ପାଳନ କରନ୍ତୁ ଓ ସ୍ୱୟଂ ସେଥିରୁ ଅଲଗା ରୁହ ତେବେ ତ ଏହା କୌଣସି ମତେ ଠିକ୍ ନୁହେଁ । ତେଣୁ ମୁଁ ଆପତିକାରୀମାନଙ୍କୁ କହୁଅଛି କି **ଅୟାଜ୍ କଦରେ ଖୁଦ୍ ବଶନାସ୍** ଅର୍ଥାତ ହେ ମହାଶୟ ତୁମେ ନିଜର ସ୍ଥିତି ଓ ସ୍ତରକୁ ପ୍ରଥମେ ପରଖି ନିଅ । ଏବଂ ସେମାନେ ଆରୋପରେ ଯେଉଁ ପ୍ରମାଣ ଦେଇଥାନ୍ତି ତାହା ଏପରି ଯେ ଅମୁକ ବ୍ୟକ୍ତି ଖାନ୍‌ଦାନ୍ (ବଂଶ)ର ଅଟେ । ଅମୁକ ଲୋକର ସ୍ଥିତି ନାହିଁ । ଅମୁକ ଏଇ ଭଳିଆ ଇତ୍ୟାଦି ତେଣୁ ଏପରି ଆରୋପର କୌଣସି ବାସ୍ତବିକତା ନଥାଏ । ନିଜ ନାମ ଗୋପନ ରଖି ଅନ୍ୟ ବିରୁଦ୍ଧରେ ଆପତି କରୁଥିବା ଲୋକଙ୍କର ନିଜର କୌଣସି ସ୍ଥିତି ନଥାଏ । ଆମେ ତ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରିବୁ ଏବଂ ସେ ହିଁ ଆମ୍ଭର ଓ ସମସ୍ତ ଜଗତର ପାଳନକର୍ତା । ଯେତେବେଳେ ତାଙ୍କଠାରୁ ହିଁ ସବୁ କିଛି ପ୍ରାପ୍ତ କରୁଅଛେ ତେବେ କେବଳ ତାଙ୍କରି ହିଁ ଆଦେଶ ପାଳନ କରାଯିବ ନାକି ଉକ୍ତ ଆପତିକାରୀମାନଙ୍କର । ଯେପରିକି ମୁଁ କହିଲି ଏପରି ଲୋକ ଅନ୍ୟମାନଙ୍କୁ ତ ଶରିୟତ୍‌ର ଆଦେଶରୁ ମୁକ୍ତ କରି ଦେଇଥାନ୍ତି ଏବଂ ନିଜକୁ ନ୍ୟାୟ ବିଚାରକ ମଣି ନେଇଥାନ୍ତି । ସେମାନଙ୍କୁ ମନେରଖିବା ଉଚିତ୍ ଯେ, ନିରିକ୍ଷଣ କରାଗଲେ ଯଦି କିଛି ରହସ୍ୟ ଖୋଲେ ଏବଂ ସେମାନେ (ଦୋଷି ସାବ୍ୟସ୍ତ ହୁଅନ୍ତି) ତେବେ ସେମାନେ ମଧ୍ୟ ଶରିୟତ ଆଦେଶ ମୁତାବକ ଦଣ୍ଡ ପାଇବେ ।

କେତେକ ବିଷୟରେ ସାକ୍ଷୀର ଆବଶ୍ୟକତା ଲୋଡ଼ା ପଡ଼ିଥାଏ । ଯଦି ସାକ୍ଷୀ ହାଜର ନହୁଅନ୍ତି ତେବେ ସେହି କଥାର କୌଣସି ମୂଲ୍ୟ ରହିନଥାଏ । ତେଣୁ ସର୍ବଦା ଶରିୟତ ଓ କୋରାନର ଆଦେଶ ଅନୁଯାୟୀ ନିଷ୍ପତି ହେବ । ଅନେକ ସମୟରେ ଶୁଣିବାକୁ ମିଳିଥାଏ କି ଅମକ ଲୋକ ମିଥ୍ୟା ଶପଥ କରି ରକ୍ଷା ପାଇଗଲା । ହଜରତ ମହମ୍ମଦ ସ.ଆଙ୍କ ନିକଟକୁ ଯେତେବେଳେ ଏପରି ଅଭିଯୋଗ ଆସିଲା ଅର୍ଥାତ ଦୁଇ ପକ୍ଷ ମଧ୍ୟରେ ନିଷ୍ପତି କରିବା ବେଳେ ଆପଣ ଗୋଟିଏ ପକ୍ଷକୁ ଅଲ୍ଲାଃଙ୍କ ନାମରେ ଶପଥ କରିବାକୁ କହିଲେ । ସେଥିରେ ଅନ୍ୟ ପକ୍ଷ ଜଣକ କହିଲା ସେ ତ ମିଥ୍ୟାବାଦୀ । ସେ ଶହସ୍ର ଶପଥ କରି ନେବ । ଏଥିରେ ହଜୁର ସ.ଆ କହିଲେ ମୁଁ ତ ଅଲ୍ଲାଃଙ୍କ

ଆଦେଶ ମୁତାବକ ହିଁ ନିଷ୍ପତି ଦେବି । ଯଦି କେହି ମିଛ ଶପଥ କରେ ତେବେ ତାହାର ମାମଲା ଅଲ୍ଲାଃଙ୍କ ସହ ଓ ସେ ତାହାକୁ ଦଣ୍ଡ ଦେବେ ।

**(ଉଦ୍ଧୃତ-ଖୁତ୍‌ବାତେ ମହେମୁଦ୍, ଖଣ୍ଡ-୩୩, ପୃଷ୍ଠା-୨୬୫-୨୭୧, ବର୍ଣ୍ଣିତ ଖୁତ୍‌ବା-୫ ସେପ୍ଟେମ୍ବର୍-୧୯୫୨)**

ସୁତରାଂ ସର୍ବଦା ମନେରଖିବା ଉଚିତ୍ ଯେ କାହାର ଅଭିଯୋଗରେ ନିଷ୍ପତି ଉକ୍ତ ବ୍ୟକ୍ତିର କହିବା ଅନୁଯାୟୀ ହେବ ନାହିଁ ବରଂ ଅଭିଯୋଗର ନିଷ୍ପତି ଅଲ୍ଲାଃଙ୍କ ନିର୍ଦ୍ଦେଶ ମୁତାବକ ହେବ । ଯେଉଁ ସ୍ଥଳେ ଦୁଇ ଜଣ ସାକ୍ଷ ଧାର୍ଯ୍ୟ ରହିଛି ସେଠାରେ ଦୁଇ (ଜଣ) ସାକ୍ଷୀ ଦେବେ ଏବଂ ଯେଉଁ ସ୍ଥଳେ ଚାରି ଜଣ ସାକ୍ଷୀ ଲୋଡ଼ା ସେଠାରେ ଚାରି ଜଣ ସାକ୍ଷୀ ଦେବା ଅନିର୍ବାର୍ଯ୍ୟ ଏବଂ ତଦନୁଯାୟୀ ନିରୀକ୍ଷଣ ଓ ନିଷ୍ପତି ହେବ । ଆମ୍ଭର ଉନ୍ନତି ଅଲ୍ଲାଃଙ୍କ ଆଦେଶ ମୁତାବକ ନିଷ୍ପତି କରିବାରେ ରହିଛି ଏବଂ ନିଜ ଅହଂକାର ଓ କଥାକୁ ଗୁରୁତ୍ୱ ଦେଇ ବ୍ୟବସ୍ଥାକୁ ଅବା ଖଲିଫାଙ୍କୁ ବାଧ୍ୟ କରିବା ଉଚିତ୍ ନୁହେଁ କି ମୋ କହିବା ମୁତାବକ ନିଷ୍ପତି ଦିଅନ୍ତୁ । ଅଲ୍ଲାଃତାଲା ଅଭିଯୋଗକାରୀଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ଯଦି ସେ ନିଜକୁ ସଠିକ୍ ମଣୁଛନ୍ତି ତେବେ ସ୍ୱାଧୀନ ଭାବରେ ସାମନାକୁ ଆସି ସମସ୍ତ ଆବଶ୍ୟକୀୟ ପ୍ରମାଣର ସହ ନିଜ ଅଭିଯୋଗ ରଖନ୍ତୁ । ଯେଉଁଥିରେ ତାଙ୍କ ନାମ ଓ ଠିକଣା ମଧ୍ୟ ଉଲ୍ଲେଖ ଥିବ ଏବଂ ନିରିକ୍ଷଣ ସମୟରେ ସେ ମଧ୍ୟ ଉପସ୍ଥିତ ରହିବେ । ସେହିପରି ଯଦି କାହାରିକୁ ଜମାଅତର ବ୍ୟବସ୍ଥାରେ କୌଣସି ଅପ୍ରିତିକର କାର୍ଯ୍ୟ ହେଉଥିବାର ପରିଲକ୍ଷିତ ହୁଏ । ତେବେ ସାହସିକତାର ସହ ଅଭିଯୋଗ କରିବା ଉଚିତ୍ ଏବଂ ତାପରେ ପ୍ରତ୍ୟେକ ସମସ୍ୟାର ମୁକାବିଲା ମଧ୍ୟ କରିବା ଉଚିତ୍ । ସେହିପରି ଅଲ୍ଲାଃ ଜମାଅତର ଭାର ବହନକାରୀ କର୍ମୀମାନଙ୍କୁ ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ କି ସେମାନେ କୌଣସି ବ୍ୟକ୍ତିର ଅଭିଯୋଗ ଉପରେ ନିଷ୍ପତି ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ମୁତାବକ ଦିଅନ୍ତୁ । ଖଲିଫାଙ୍କ ଦ୍ୱାରା ମନୋନିତ ସମସ୍ତ ପଦାଧିକାରୀମାନଙ୍କୁ ଅଲ୍ଲାଃତାଲା ଶକ୍ତି ପ୍ରଦାନ କରନ୍ତୁ କି ସେମାନେ ନ୍ୟାୟର ସମସ୍ତ ଦିଗ ପ୍ରତି ଦୃଷ୍ଟି ରଖି ଅଲ୍ଲାଃଙ୍କ ଆଦେଶ ଓ ସୁନ୍ନତ ମୁତାବକ ନିଷ୍ପତି କରନ୍ତୁ ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ- ନମାଜ ଜୁମା ପରେ ମୁଁ କିଛି ଜନାଯାଃ ଗାଏବ ମଧ୍ୟ ପାଠ କରିବି । ପ୍ରଥମ ଜନାଯାଃ ଶହିଦ୍ ଶ୍ରୀମାନ ଶେଖ୍ ସାଜିଦ୍ ମହେମୁଦ ସାହେବ ପିତା ଶ୍ରୀମାନ ଶେଖ ମଜିଦ୍ ଅହେମଦ ସାହେବ ଯେ କି ଗୁଲ୍‌ଜାର ହିଜାରୀ ଜିଲ୍ଲା କରାଚିର ନିବାସୀ ଥିଲେ । ବିରୋଧୀମାନେ ଚଳିତ ନଭେମ୍ବର ମାସ ୨୭ ତାରିଖ ଦିନ ମଗରିବ୍ ସମୟରେ ତାଙ୍କ ଘର ବାହାରେ ଗୁଳି କରି ଶହିଦ୍ କରିଦେଲେ । ତାଙ୍କୁ ୫୫ ବର୍ଷ ହୋଇଥିଲା । ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍ । ବିସ୍ତୃତି ବିବରଣୀ ଏପରି ଅଟେ ଯେ ଶେଖ୍ ମୁଯାହିନ୍ ମହ୍‌ମୁଦ୍ ସାହେବ ଗୁଲ୍‌ଶନ୍-ଏ-ମୋଅମ୍ମାର କରାଚିରେ ଫ୍ଲୋର ମିଲ୍‌ସର ସ୍ପେୟାର୍ ପାର୍ଟସ୍ ସପ୍ଲାଇ କାମ କରୁଥିଲେ । ୨୭ ନଭେମ୍ବର ୨୦୦୭ ତାରିଖ ସନ୍ଧ୍ୟାବେଳକୁ ନମାଜ ମଗ୍‌ରିବ ପରେ ବଜାରରୁ ଘର ପାଇଁ ସଉଦାପତ୍ର ନେଇ କରି ଆସୁଥିଲେ । ଏହି କ୍ଷଣି ଗାଡ଼ି ଉପରେ ବସିଥିଲେ ଯେ ଜଣେ ଅଜଣା ବ୍ୟକ୍ତି ମୋଟର ସାଇକେଲ୍‌ରେ ଆସି ତାଙ୍କ ଉପରକୁ ଚରିଟି ଗୁଳି ଫୁଟାଇଥିଲେ । ପୁଣି ଫେରିକି ଯାଉଥିବା ସମୟରେ ପୁଣି ଚରି ରାଉଣ୍ଡ୍ ଗୁଳି ଫୁଟାଇ ଯାଗା ଉପରୁ ଫେରାର୍ ହୋଇଗଲେ । ଫାଇରିଙ୍ଗ୍ ଦ୍ୱାରା ଗୋଟିଏ ଗୁଳି ସାଯିଦ୍ ମହ୍‌ମୁଦ୍‌ଙ୍କ ଛାତିର ଡାହାଣ ପାର୍ଶ୍ୱରେ ପଶି ପଞ୍ଜରା ହାଡ଼ରେ ଲାଗି ବାମପଟ ଦେଇ ଏପଟ ସେପଟ ପାରି ହୋଇଗଲା । ଗୋଟିଏ ଗୁଳି ଗୋଡରେ ବାଜିଥିଲା । ସାଯିଦ୍ ମହ୍‌ମୁଦ୍‌ଙ୍କୁ ଶିଘ୍ର ଶିଘ୍ର ପାଖ ହସ୍ପିଟାଲ୍‌କୁ ନିଆଗଲା । କିନ୍ତୁ ସେ ଠିକ୍ ହୋଇପାରିଲେ ନହିଁ, ଚିକିତ୍ସା ପୂର୍ବରୁ ଶହିଦ୍ ହୋଇଗଲେ । "ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍" । ତାଙ୍କ ବଂଶରେ ତାଙ୍କ ଗୋସେଇଁ ବାପା ମୋକରମ୍ ଶେଖ ଫଜ୍‌ଲେ କରିମ୍ ସାହେବଙ୍କ ଦ୍ୱାରା ଅହେମଦିୟତ୍ ଆସିଥିଲା । ଯିଏ ୧୯୨୦ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହ ସାନିଙ୍କ ହାତରେ ବୟତ୍ କରିଥିଲେ । ଶହିଦ୍ ମର୍‌ହୁମ୍‌ଙ୍କ ବାପା ଶେଖ୍ ମଯିଦ୍ ଅହେମଦ୍ ସାହେବ ପାକିସ୍ତାନ୍ ହେବା ପରେ କାନ୍‌ପୁର୍‌ରୁ ହିଜରତ୍ (ଦେଶାନ୍ତରଣ) କରି କରାଚିରେ ଅବସ୍ଥାପନ କଲେ । ଶହିଦ୍‌ଙ୍କ ଜେଜେବାପା ମୋକରମ୍ ଖ୍ୱାଜା ମୁହମ୍ମଦ୍ ଶରିଫ୍ ସାହେବ୍ ମର୍‌ହୁମ୍ ଯମାତ୍ ଅହେମଦୀୟା ଦିଲ୍ଲି ଦର୍‌ଓ୍ୱାଜା ଲାହୋର୍‌ର ଏକ ଲମ୍ବା ସମୟ ପର୍ଯ୍ୟନ୍ତ ସଦର୍ ଥିଲେ । ତାଙ୍କର ଗୋସେଇଁ ଅଜା ହଜ୍‌ରତ୍ ସାହେବ ଦିନ୍ ସାହେବ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ଥିଲେ । ଏହିପରି ମୋକରମ୍ ସେଠ୍ ମୁହମ୍ମଦ୍ ସିଦ୍ଧିକ୍‌ବାନି ସାହେବ ମର୍‌ହୁମ୍ କଲିକତା ନିବାସୀ ଶହିଦ୍ ମର୍‌ହୁମ୍‌ଙ୍କ ସ୍ତ୍ରୀଙ୍କର ଅଜା ଥିଲେ । ଶହିଦ୍ ମର୍‌ହୁମ୍ ବି.ଏ ପର୍ଯ୍ୟନ୍ତ ପଢ଼ିଥିଲେ । ପାଂଚବର୍ଷ ବହୁତ କଠିନ ପରିସ୍ଥିତିରେ କାଟିଛନ୍ତି । ତା'ପରେ ଫ୍ଲୋଂରମିଲ୍‌ସର ସ୍ପେୟାର୍ ପାର୍ଟ୍‌ସ ସପ୍ଲାଇ କାରବାର ଆରମ୍ଭ କଲେ । ଯେଉଁଥିରେ ଅଲ୍ଲାଃତାଲା ବହୁତ ବର୍‌କତ୍ ଦେଲେ ଯଦ୍ୱାରା କାରବାର ବହୁତ ବଢ଼ିଗଲା । ଶହିଦ୍‌ଙ୍କ ସୁପୁତ୍ର ହାରିସ୍ ମହ୍‌ମୁଦ୍ ସାହେବ ନାଏବ୍ କାଏଦ୍ ଅଛନ୍ତି ଏବଂ ଗୁଲ୍‌ଶନେ ଇକ୍‌ବାଲ୍ କରାଚିର ସେକ୍ରେଟାରୀ ଓ୍ୱସାୟା ମଧ୍ୟ ଅଛନ୍ତି । ପୁଅ ଏ.ସି.ସି.ଏ ଶିକ୍ଷା ଗ୍ରହଣ କରିବା ପରେ ବାପାଙ୍କ ସହିତ କାରବାରରେ ସାମିଲ୍ ହେଲେ । ଶହିଦ୍ ମର୍‌ହୁମ୍ ଅନେକ ସଦ୍‌ଗୁଣର ଅଧିକାରୀ ଥିଲେ । ଏହିପରି ଶହିଦ୍‌ଙ୍କ ଝିଅ ସନା ମୋବଶରା କରାଚିରେ ପଢୁଛନ୍ତି । ତାଙ୍କୁ ଆମେରିକା ଯିବା ପାଇଁ ଛଅ ମାସର ସ୍କଲାର୍‌ସିପ୍ ସୁଯୋଗ ମିଳିଲା । ସେଠାରୁ ସେ ଗୋଟିଏ ସର୍ଟ କୋର୍ସ କରି ଆସିଛନ୍ତି । ମର୍‌ହୁମ୍ ଖିଲାଫତ୍ ସହିତ ବହୁତ ଆନ୍ତରିକତା ଓ ପ୍ରେମ ରଖୁଥିଲେ । ସନ୍ତାନମାନଙ୍କୁ ମଧ୍ୟ ଖିଲାଫତ ସହିତ ଜଡ଼ି ରହିବା ପାଇଁ ପ୍ରୋତ୍ସାହିତ କରୁଥିଲେ । ବଢ଼ିଚଢ଼ି କରି ଚନ୍ଦା ଦେଉଥିଲେ ଏବଂ ପୁଅକୁ ମଧ୍ୟ ଦେବା ପାଇଁ ପ୍ରବର୍ତ୍ତାଉଥିଲେ । ସର୍ବଦା ଚନ୍ଦା ବିଷୟରେ ବିବ୍ରତ ହେଉଥିଲେ ଏବଂ ଚନ୍ଦା ଦେବା ପାଇଁ ଦୋକାନରେ ଅଲଗା ଗୋଟିଏ ହୁଣ୍ଡି ରଖୁଥିଲେ, ଯେଉଁଥିରେ ଚନ୍ଦାର ଟଙ୍କା ପକାଇ ଚଳୁଥିଲେ । ଦିଆ ନିଆରେ ସତର୍କତା ଓ ସାଧୁତା ଅବଲମ୍ବନ କରୁଥିଲେ । ସର୍ବଦା ସତ୍ୟପ୍ରିୟ ଓ କ୍ଷମା ଆଚରଣ କରୁଥିଲେ । ଭାଇ ଭଉଣୀଙ୍କ ସହିତ ସ୍ନେହ ରଖୁଥିଲେ, କେବେ କାହା ଉପରେ ନାରାଜ ହେଉନଥିଲେ । ମର୍‌ହୁମ୍ ଜଣେ ସୁନ୍ଦର ବ୍ୟକ୍ତିତ୍ୱର ଅଧିକାରୀ ଏବଂ ପୂଣ୍ୟବାନ୍ ବ୍ୟକ୍ତି ଥିଲେ । ସେ ତାଙ୍କର ଦୁଇଟି ଦୋକାନର ନାମ କରଣ ମଧ୍ୟ ଗୋଟିଏ ନିଜ ବାପାଙ୍କ ନାମରେ ଓ ଅନ୍ୟଟି ଶ୍ୱଶୁରଙ୍କ ନାମରେ ନାମିତ କରିଥିଲେ । ନିଜ ସ୍ତ୍ରୀ ଙ୍କ ବନ୍ଧୁବାନ୍ଧବଙ୍କ ସହିତ ଉତମ ବ୍ୟବହାର କରୁଥିଲେ । ସାଙ୍ଗ ସାଥି ଓ ସମସ୍ତ ବନ୍ଧୁଙ୍କ ସହିତ ଖୋଲା ହୃଦୟର ସହିତ ମିଳୁଥିଲେ । ମନରେ କପଟତା ବିଲ୍‌କୁଲ୍ ନଥିଲା । ସମସ୍ତେ ଯାହା ଲେଖି ଜଣାଇଛନ୍ତି ସେ ସବୁର ସାରାଂଶ ମୁଁ କହିସାରିଛି । ଶହିଦ୍‌ଙ୍କ ମା ଆଜିକାଲି ବହୁତ ଅସୁସ୍ଥ ଅଛନ୍ତି । ତାଙ୍କ ଅସୁସ୍ଥତା ଯୋଗୁଁ ପୁଅର ଶହିଦ୍ ହେବା ବିଷୟ ଜଣାଇବା ପାଇଁ କଷ୍ଟ ହେଉଥିଲା । କିନ୍ତୁ ଯେତେବେଳେ ସେ ପୁଅର ଶବ ଦେଖିଲେ ଅଚାନକ୍ କହିଲେ ଯେ "ମୋ ପୁଅ ଶହିଦ୍ ଅଟନ୍ତି, କେହି ମଧ୍ୟ କାନ୍ଦିବେ ନାହିଁ" । ଏହିପରି ବାକ୍ୟ ଅନେକଥର କହିଲେ । ଶହିଦ୍‌ଙ୍କ ସ୍ତ୍ରୀ ବହୁତ ଧର୍ଯ୍ୟର ସହିତ ଶାହାଦତ୍ ହେବାର ଖବର ଶୁଣିଲେ ଏବଂ ବହୁତ ଧୈର୍ଯ୍ୟ ଦେଖାଇଲେ । ତାଙ୍କ ପୁଅ କହନ୍ତି ମୋ ବାପାଙ୍କ ନିକଟରେ ଅଭୁତପୂର୍ବ ଶାନ୍ତି ଥିଲା ଓ ଅଲ୍ଲାଙ୍କ ଉପରେ ବହୁତ ବିଶ୍ୱାସ ଥିଲା । ବାରମ୍ବାର କହୁଥିଲେ "ଅଲ୍ଲାଃତାଲା ମତେ ବହୁତ ଇଜ୍ଜତ୍ ଦେଇଛନ୍ତି ଏତେ ସମ୍ମାନ ଯେ ମୁଁ ନିଜେ ବିଶ୍ୱାସ କରିପାରୁନାହିଁ" । ଇବାଦାତ୍ (ଉପାସନା) ରେ ବହୁତ ନିୟମିତ ଥିଲେ । ବନ୍ଧୁବାନ୍ଧବମାନେ ମଧ୍ୟ ଏହା କହୁଛନ୍ତି ଯେ ବହୁତ ସାଧାସିଧା, ବହୁତ ସମବେଦନା ରଖୁଥିଲେ ଏବଂ ବହୁତ ନମ୍ର ସ୍ୱଭାବର ଥିଲେ । ମର୍‌ହୁମ୍‌ଙ୍କର ଏଗାର ଜଣ ଭାଇ ଭଉଣୀ ଥିଲେ । ସମସ୍ତେ ପିଲାଛୁଆ ବାଲା । ସମସ୍ତଙ୍କୁ ସେ ସ୍ନେହ କରନ୍ତି । ତାଙ୍କର ଦେଖଭାଲ ମଧ୍ୟ କରନ୍ତି । ସିଖର ଜିଲ୍ଲାରେ ଯେତେବେଳେ ଯମାତର ଅବସ୍ଥା ସଙ୍କଟାପନ୍ନ ଥିଲା ଏବଂ ସେଠାରେ ଶାହାଦାତ୍ ହୋଇଥିଲା ସେତେବେଳେ ସେ 'ସିଖର' ଯାଇ ବହୁତ ଦିନ ଡ୍ୟୁଟି କରିଛନ୍ତି । ତାଙ୍କ ଝିଅ କହନ୍ତି ଯେ ବାପାଙ୍କ ମୃତ୍ୟୁ ପରେ ସେ ସ୍ୱପ୍ନରେ ଦେଖିଲେ ଯେ ଗୋଟିଏ ବହୁତ ବଡ଼ ବଗିଚା ଅଛି ଯେଉଁଠି ବହୁତ ଜ୍ୟୋତିସମ୍ପନ୍ନ ବ୍ୟକ୍ତି ଏକତ୍ରିତ ହୋଇଛନ୍ତି । ସମସ୍ତେ ଶୁଭ୍ର ଓ ଧଳା ପୋଷାକ ପିନ୍ଧିଛନ୍ତି ଏବଂ ଅବ୍‌ବା ମଧ୍ୟ ସେଠାରେ ଅଛନ୍ତି । ସେ ଗୋଟିଏ ଉଚ୍ଚ ସ୍ଥାନରେ ଛିଡ଼ା ହୋଇଛନ୍ତି । ସମସ୍ତେ ଅବ୍‌ବୁଙ୍କୁ ଘେରି ରହିଛନ୍ତି ଏବଂ ଖୁସି ହେଉଛନ୍ତି  ଆଉ ବାପା ଗୋଟିଏ ଆଡ଼କୁ ଚାଲିବା ଆରମ୍ଭ କରୁଛନ୍ତି ତ ସମସ୍ତେ ତାଙ୍କ ପଛରେ ଦଳଦଳ ହୋଇ ଚାଲୁଛନ୍ତି ଏବଂ ସମସ୍ତେ ତାଙ୍କୁ ଦେଖି ଖୁସି ହେଉଛନ୍ତି । ଶହିଦ୍‌ଙ୍କ ମା' ବହୁତ ଦୁର୍ବଳ ଅଟନ୍ତି, ଯେପରି ମୁଁ କହିସାରିଛି, ଚାଲବୁଲ କରିପାରୁ ନାହାଁନ୍ତି । ଶାହାଦାତ୍ ପରେ ସେ ସ୍ୱପ୍ନ ଦେଖିଲେ ଯେ ଶହିଦ୍ ମର୍‌ହୁମ୍ ତାଙ୍କ ମା'ଙ୍କୁ କହୁଛନ୍ତି 'ମୁଁ ଏଠାରେ ବହୁତ ଖୁସିରେ ଅଛି ଏବଂ ଆରାମ୍‌ରେ ଅଛି । ମୋ ପାଇଁ ତୁମେ କୌଣସି ଚିନ୍ତା କରିବ ନାହିଁ" । ତାଙ୍କ ପଛରେ ତାଙ୍କ ମା, ସ୍ତ୍ରୀ ମନ୍‌ସୁରା ୟାସ୍‌ମିନ୍ ସାହିବା, ପୁଅ ଶେଖ ହାରିସ୍ ମହ୍‌ମୁଦ୍ ଏବଂ ଝିଅ ସନା ମୋବଶରାଙ୍କ ବ୍ୟତିତ ଚରିଜଣ ଭାଇ ଓ ଛଅ ଜଣ ଭଉଣୀ ଅଛନ୍ତି । ଅଲ୍ଲାଃତାଲା ଶହିଦ୍‌ଙ୍କୁ ଉଚ୍ଚସ୍ଥାନ ଦିଅନ୍ତୁ ଏବଂ ତାଙ୍କ ସନ୍ତାନଙ୍କୁ ମଧ୍ୟ ତାଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଜନାଯାଃ ଶ୍ରୀମାନ ଶେଖ୍ ଅବଦୁଲ୍ କାଦିର ସାହେବ ପିତା ଶେଖ୍ ଅବଦୁଲ୍ କରିମ୍ ସାହେବଙ୍କର ଅଟେ ଯେ କି କାଦଆନର ଦରବେଶ୍ ଥିଲେ । ସେ ନଭେମ୍ବର ମାସ ୨୬ ତାରିଖ ଦିନ ୯୨ ବର୍ଷ ବୟଷରେ ଦେହ ତ୍ୟାଗ କଲେ । **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ତାଙ୍କ କୁଟୁମ୍ବରେ ଅହେମଦିୟତ୍ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ସନ୍‌ଓ୍ୱରି ସାହେବ ସାହାବି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜରିଆରେ ଆସିଥିଲା । ନଭେମ୍ବର ୧୯୪୭ ମସିହାରେ ଯେବେ କାଦିଆନ୍‌ର ଶେଷ ଦଳ ପାକିସ୍ତାନ ଯିବା ପାଇଁ ବାହାରିଲା ସେତେବେଳେ ଆପଣ ଅସୁସ୍ଥ ମାଙ୍କୁ ସାହାରା ଦେଇ ଟ୍ରକ୍‌ରେ ବସିଥିଲେ । କାଦିଆନ୍‌ର ସିମାନ୍ତରେ ଆପଣଙ୍କ ମା ଟ୍ରକ୍‌କୁ ରୋକି ଦେଇ ଆପଣଙ୍କୁ ମର୍‌କଜ୍‌ର ସୁରକ୍ଷା ନିମନ୍ତେ ଓହ୍ଲାଇଦେଲେ । ଏହିପରି ଆପଣ 'ଦର୍‌ଓ୍ୱେଶ୍' ହୋଇଗଲେ । ଖିଲାଫତ୍‌ର ନେଜାମ୍ ଓ ଯମାତ୍‌ର ନେଜାମ୍ ସହିତ ବହୁତ ଶ୍ରଦ୍ଧା ଥିଲା । ଅଲ୍ଲାଃଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥା ଓ ଭରଷା ଥିଲା । ପ୍ରତ୍ୟେକ ସଫଳତା ଓ ଅସଫଳତାକୁ ଅଲ୍ଲାଃଙ୍କ ଇଚ୍ଛାରୂପେ ଗ୍ରହଣ କରୁଥିଲେ । ସ୍ତ୍ରୀ ପିଲାଙ୍କ ସହିତ ବହୁତ ସ୍ନେହ କରୁଥିଲେ । ତାଙ୍କୁ ଦଫ୍‌ତର ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଅନ୍ୟାନ୍ୟ ବିଭାଗରେ କାର୍ଯ୍ୟ କରିବାର ସୁଯୋଗ ମିଳିଛି । ଆପଣଙ୍କ ପୁଅ କହୁଛନ୍ତି ଯେ ଜଲ୍‌ସା ସାଲାନାର ଆଗମନ ହେତୁ ସେ ଘର ରଙ୍ଗ କରିବା ପାଇଁ ସିମେଂଟ୍, ଚୁନ ଇତ୍ୟାଦି ମଗେଇ ଘରେ ରଖିଥିଲେ । ସେହି ରାତିରେ ଡକାଇ କହିଲେ ଜଣାପଡୁଛି ମୋର ସମୟ ନିକଟତର ଅଛି । ଅମୁକ ଲୋକଠୁ ମୁଁ ପାଂଚଶହ ଟଙ୍କା ନେଇଥିଲି ତାଙ୍କୁ ଦେବାର ଅଛି । ଏହିପରି ଅନ୍ୟାନ୍ୟ ହିସାବ ମଧ୍ୟ ବତେଇଲେ ଏବଂ ପୁଣି ଅଳ୍ପ ସମୟରେ ଅଲ୍ଲାଃତାଲାଙ୍କ ପାଖକୁ ଚାଲିଗଲେ । "ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍" । ତାଙ୍କ ପଛରେ ତିନିଜଣ ଝିଅ ଓ ଜଣେ ପୁଅ ଅଛନ୍ତି । ଆପଣଙ୍କ ପୁଅ ନାସିର୍ ଓ୍ୱହିଦ୍ ସାହେବ୍ କାଦିଆନ୍‌ରେ ସେବାରତ ।

ତୃତୀୟ ଜନାଯାଃ ତନଓୀର ଅହେମଦ ଲୋନ ସାହେବଙ୍କର ଅଟେ ଯେ କି ନାସେରାବାଦ କାଶମୀର ନିବାସୀ ଥିଲେ । ସେ ଜଣେ ପୁଲିସ୍ କର୍ମୀ ଥିଲେ ଚଳିତ ନଭେମ୍ବର ମାସ ୨୫ ତାରିଖ ଦିନ ନିଜ କର୍ମକ୍ଷେତ୍ରରେ କାର୍ଯ୍ୟରତ ଅବସ୍ଥାରେ କେତେକ ଅଜଣା ଲୋକ ଫାରିଙ୍ଗ କରି ତାଙ୍କୁ ଶହିଦ୍ କରିଦେଲେ । **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ଶହିଦ୍ ମର୍‌ହୁମ୍ ସୋମ୍‌ଓସଲାତ୍ (ନମାଜ ରୋଜା) ର ପାବନ୍ଦ, ପୁଣ୍ୟାତ୍ମା, ଗରିବଙ୍କ ସେବକ, ଆତ୍ମୀୟ, ଉତମ ଚରିତ୍ରବାନ, ସ୍ନେହୀ, ଲୋକସେବକ, ବହୁତ ସାହାସୀ ଏବଂ ଇଶ୍ୱରବିଶ୍ୱାସୀ ବ୍ୟକ୍ତି ଥିଲେ । ମାଲି କୁର୍‌ବାନିରେ ସବୁବେଳେ ବ୍ୟସ୍ତ ରହୁଥିଲେ । ଚାନ୍ଦା ସର୍ବଦା ବାସର୍‌ହା ପ୍ରଦାନ କରୁଥିଲେ ଓ ବଢ଼େଇକରି ଦେଉଥିଲେ । ନିଜ ଛୋଟ ଭାଇ ଭଉଣୀଙ୍କୁ ବହତୁ ସାହାଯ୍ୟ କରୁଥିଲେ । ତାଙ୍କର ଶିକ୍ଷା ଓ ତର୍‌ବୟତ୍ ର ଧ୍ୟାନ ରଖୁଥିଲେ । ପଡ଼ୋଶିଙ୍କର କହିବା ଅନୁଯାୟୀ ସେ ପଡ଼ୋଶୀଙ୍କର ସଠିକ୍ ଧ୍ୟାନ ରଖି ହକ୍ ପ୍ରଦାନ କରୁଥିଲେ । ତାଙ୍କ ଡିପାର୍ଟମେଂଟ୍‌ର ଲୋକ କହୁଛନ୍ତି ଯେ ସେ ନିଜ ଡ୍ୟୁଟିରେ ବହୁତ ସତର୍କତା ଅବଲମ୍ବନ କରୁଥିଲେ । କଦାପି ଅଳସୁଆମି କରନ୍ତି ନାହିଁ । ତାଙ୍କ ପଛରେ ମା'ଙ୍କ ବ୍ୟତୀତ ଦୁଇଜଣ ଭଉଣୀ, ଛଅ ଜଣ ଭାଇ ଓ ସ୍ତ୍ରୀ ଏବଂ ତିନିଜଣ ପିଲା ଛାଡ଼ି ଯାଇଛନ୍ତି । ତାଙ୍କର ଗୋଟିଏ ପିଲା ତହ୍‌ରିକ୍-ଏ-ଓ୍ୱକ୍‌ଫେ ନୌ ରେ ସାମିଲ୍ ଅଛନ୍ତି । ଅଲ୍ଲାଃତାଲା ତାଙ୍କୁ ଉଚ୍ଚସ୍ଥାନ ଅର୍ପଣ କରନ୍ତୁ ଏବଂ ତାଙ୍କ ପିଲାଙ୍କୁ ମଧ୍ୟ ସର୍ବଦା ଯମାତ୍ ଓ ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରଖନ୍ତୁ । ପୂଣ୍ୟବାନ କରନ୍ତୁ ଓ ନିଜେ ତାଙ୍କର ସୁରକ୍ଷା କରନ୍ତୁ (ଆମିନ୍) । ହଜୁର ଅନଓ୍ୱର ଅ.ବ ଉକ୍ତ ସମସ୍ତ ମୃତକଙ୍କର ଉତମ ଚରିତ୍ର ଚର୍ଚ୍ଚା କଲେ ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## ତହେରିକ୍ ଯଦିଦ୍‌ର ୮୩ତମ ବର୍ଷର ବାବର୍‌କତ୍ ଶୁଭାରମ୍ଭର ଘୋଷଣା

ଓ

### ଜମାତ୍ ଅହେମଦୀୟା ଭାରତର ନୈଷ୍ଠିକ ଅହେମଦୀଙ୍କ ନିକଟରେ ଜରୁରୀ ନିବେଦନ ।

ସୟଦନା ହଜୁର ଅନୁଓ୍ୱର ଅ:ବ ୧୧ ନଭେମ୍ବର ୨୦୧୬ ରେ ନିଜର ହୃଦୟସ୍ପର୍ଶୀ ଖୁତ୍‌ବା ଜୁମାରେ ତହେରିକ୍ ଯଦିଦ୍‌ର ୮୩ତମ ବର୍ଷର ବାବର୍‌କତ୍ ଶୁଭାରମ୍ଭର ଏଲାନ୍ କରିଲେ । ଅଲ୍‌ହମ୍‌ଦୋଲିଲାଃ - ହଜୁର ଅନୁଓ୍ୱର କହିଲେ ''ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ମାଲି କୁର୍‌ବାନି ଉପରେ ଆଲୋକପାତ କରି କହୁଛନ୍ତି:-ଯେ ସଂସାରରେ ଲୋକେ ଧନ ସହିତ ବହୁତ ପ୍ରେମ କରିଥାଏ । ସେଇଥିଯୋଗୁ ତାବିରୁର୍‌ରୋୟା ରେ ଲେଖାଯାଇଛି ଯଦି କୌଣସି ବ୍ୟକ୍ତି ଦେଖେ ଯେ ସେ ନିଜ କଲିଜା କାଢ଼ି କାହାକୁ ଦେଇ ଦଉଛି ତା'ର ଅର୍ଥ ଧନ ଅଟେ । ସେଥିଯୋଗୁଁ ପ୍ରକୃତ ତକ୍ୱା ଓ ଇମାନ୍‌ଙ୍କ ହାସଲ କରିବା ପାଇଁ (ଅଲ୍ଲାଃତାଲା) କହୁଛନ୍ତି ***ଲନ୍‌ତନାଲୁଲ୍ ବିର୍‌ରା ହାତ୍‌ତା ତୁନ୍ ଫିକୁ ମିମ୍ମା ତୁହିବ୍‌ବୁନ୍*** ଅର୍ଥାତ୍ ପ୍ରକୃତ ପୁଣ୍ୟକୁ ତୁମେ ସେ ପର୍ଯ୍ୟନ୍ତ ପାଇବ ନାହିଁ ଯେ ପର୍ଯ୍ୟନ୍ତ ତୁମେ ନିଜର ଉତମ ଜିନିଷକୁ ଖର୍ଚ୍ଚ ନ କରିଛି । କାରଣ ଅଲ୍ଲାଃଙ୍କ ସୃଷ୍ଟଜଙ୍କ ସହିତ ଉତମ ବ୍ୟବହାରର ଏକ ବହୁତ ବଡ଼ ଭାଗ ଧନ ଖର୍ଚ୍ଚ କରିବାରେ ଅଛି । ଏତଦ୍‌ବ୍ୟତୀତ ଇମାନ୍ ସମ୍ପୂର୍ଣ୍ଣ ହୁଏ ନାହିଁ ।... ତେଣୁ ଅଲ୍ଲାଃଙ୍କ ରାସ୍ତାରେ ଧନ ଖର୍ଚ୍ଚ କରିବା ମଧ୍ୟ ମଣିଷର ସୌଭାଗ୍ୟ ଓ ପୁଣ୍ୟବାନ୍‌ର ଆଧାର ଓ ସନ୍ତକ ଅଟେ ।''

ହଜୁର୍ କହିଲେ:-

''ଦୁନିଆ ଆଜିକାଲି ଭାବୁଛି ଯେ ଧନ ସମ୍ପତିକୁ ଠୁଳ କରିବା ଏବଂ ତାକୁ କେବଳ ନିଜ ଆରାମ ଓ ସୁଖ ସ୍ୱାଚ୍ଛନ୍ଦ ପାଇଁ ଖର୍ଚ୍ଚ କରିବାରେ ହିଁ ଆନନ୍ଦ ଓ ଶାନ୍ତି ମିଳିପାରିବ । କିନ୍ତୁ ଜଣେ ମୋମିନ୍ ଯାହାକୁ ଦୀନିର ପ୍ରକୃତ ଜ୍ଞାନ ଅଛି ସେଏହା ଭାବିଥାଏ ଯେ ଯଦି ଚ ଏହା ସବୁ ଅଲ୍ଲାତାଲା ମଣିଷ ନିମନ୍ତେ ସୃଷ୍ଟି କରିଛି କିନ୍ତୁ ଜୀବନର ପ୍ରକୃତ ଲକ୍ଷ ଅଲ୍ଲାତାଲାଙ୍କ ସାନିଧ୍ୟ ଓ ପୁଣ୍ୟ ମାର୍ଗରେ ପରିଚାଳିତ ହେବା ଅଟେ । ଅଲ୍ଲାତାଲାଙ୍କର ହକ୍ ପ୍ରଦାନ କରିବା ଏବଂ ତାର ମଖ୍‌ଲୁକ୍‌ର ହକ୍ ପ୍ରଦାନ କରିବା ଅଟେ ।''

ଖୁତ୍‌ବା ଯୁମାର ଶେଷର ହଜୁର୍ ଅନୁଓ୍ୱର୍ ଅ:ବ କହିଲେ:-

୧୯୩୪ ମସିହାରେ ଏହ୍‌ରାରୀ ଯମାତକୁ ନିଃଶେଷ କରିବାର କଥା କହୁଥିଲେ । କାଦିୟାନ୍‌କୁ ତଳିତଳାନ୍ତ କରିଦେବାର କଥା କହୁଥିଲେ । ସେ ସମୟରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ତହେରିକ୍ ଯଦିଦ୍‌ର ଏଲାନ୍ କରାଇ ସମଗ୍ର ବିଶ୍ୱରେ ମିଶ୍‌ନାରି ପଠାଇବାର ଯୋଜନା ତିଆରି କଲେ । ତବ୍‌ଲିଗ୍‌ର ଏକ ସୁନ୍ଦର ଯୋଜନା ତିଆରି କରାଗଲା ଏବଂ ଆଜି ଅଲ୍ଲାଃତାଲାଙ୍କ କୃପାରୁ ବିଶ୍ୱର ପ୍ରତ୍ୟେକ ଦେଶରେ ଯମାତ୍ ଅହେମଦୀୟାକୁ ଲୋକେ ଜାଣିଛନ୍ତି ଏବଂ ୨୦୯ ଦେଶରେ ଯମାତ୍ ଅହେମଦୀୟା ପ୍ରତିଷ୍ଠା ହୋଇସାରିଛି ।...........ଆଜି ଦୁନିଆର ଏହି ପଶ୍ଚିମ କୋଣରୁ ସମଗ୍ର ସଂସାରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବାର୍ତାକୁ ଆପଣଙ୍କର ଜଣେ ଗୋଲାମ ଏବଂ ଜଣେ ଛୋଟ ସେବକ ପହଂଚାଇ ଚାଲିଛି ।''

ହଜୁର୍ ଅନୁଓ୍ୱର୍‌ଙ୍କ ଏହି ଜ୍ଞାନ ବର୍ଦ୍ଧକ ଖୁତ୍‌ବା ଯୁମାର ଆଲୋକ ଦ୍ୱାରା ଯମାତ୍ ଅହେମଦୀୟା ଭାରତର ନୈଷ୍ଠିକ ଅହେମଦୀଙ୍କ ଗୋଚରେ ନିବେଦନ କରାଯାଉଛି କି ସେମାନେ ମାଲି କୁର୍‌ବାନୀର ଜରୁରତ୍ ଏବଂ ଗୁରୁତ୍ୱକୁ ଅନୁଭବ କରି ତହେରିକ୍ ଯଦିଦ୍‌ର ଚାନ୍ଦାରେ ବଢ଼ି ଚଢ଼ି କରି ଭାଗ ନିଅନ୍ତୁ । ପ୍ରଥମ ମୁହୁର୍ତରେ ନିଜର ସେକ୍ରେଟାରୀ ତହେରିକ୍ ଯଦିଦ୍‌ଙ୍କ ସହିତ ସମ୍ପର୍କ ସ୍ଥାପନ କରି ଏକ ଉତମ (ଓ୍ୱାଦା) ପ୍ରତିଶୃତିର ସହିତ ଯଥା ସମ୍ଭବ ତାହା ପ୍ରଦାନ କରିବା ପାଇଁ ଚେଷ୍ଟା କରନ୍ତୁ । ଫଳତଃ ଅଲ୍ଲାତାଲାଙ୍କର କୃପା, ସାନିଧ୍ୟ ଏବଂ ବର୍‌କତ୍‌ରୁ ଲାଭ ଉଠାନ୍ତୁ । ଅଲ୍ଲାତାଲା ଆମକୁ ଏହା କରିବା ପାଇଁ ଅଧିକ ରୁ ଅଧିକ ଶକ୍ତି ପ୍ରଦାନ କରନ୍ତୁ । - ଆମିନ୍

**(ଓ୍ୱକିଲୁଲ୍‌ମାଲ୍ ତେହ୍‌ରିକେ ଯଦିଦ୍ କାଦିୟାନ)**

# ଖୁତ୍‌ବା ଜୁମା

◆ ଯେଉଁମାନଙ୍କ ଆଖିରେ ପରଦା ପଡ଼ିଥାଏ ଅବା ଯେ ନିଷ୍ପତି କରିନେଇଥାନ୍ତି କି ଆମେ ମାନିବୁ ନାହିଁ, ସେମାନଙ୍କୁ ନା ଅଲ୍ଲାଃଙ୍କ ସାହାର୍ଯ୍ୟ ସହଯୋଗର ହାତ ଦେଖା ଯାଇଥାଏ, ନା ତାହାର ନିଦର୍ଶନ ଏବଂ ଅବତାରମାନଙ୍କୁ ଅସ୍ୱୀକାର କରୁଥିବା ଲୋକମାନଙ୍କର ସର୍ବଦା ଏହିପରି ଆଚରଣ ରହିଥାଏ । ଏକାଧିକ ନିଦର୍ଶନ ଦେଖିବା ପରେ ମଧ୍ୟ ସେମାନେ ଏହି କଥା କହିଥାନ୍ତି କି ଆମକୁ ନିଦର୍ଶନ ଦେଖାଅ । ସେମାନଙ୍କର ଏପରି ସୀମା ଲଙ୍ଘନ କରିବାର ଫଳ ସ୍ୱରୂପ ଅଲ୍ଲାଃ ସେମାନଙ୍କ ହୃଦୟକୁ ସଂକିର୍ଣ୍ଣ କରିଦେଇଥାନ୍ତି ସୁତରାଂ ସେମାନେ କଦାପି ସତ୍‌ପଥ ପ୍ରାପ୍ତ କରିପାରି ନଥାନ୍ତି । ପୁଣି କେତେକ ସମୟରେ ସେ ନିଜ ଅବତାରମାନଙ୍କ ସାହାର୍ଯ୍ୟ କରିବାକୁ ଯାଇ ବିରୋଧିମାନଙ୍କୁ (ଅନ୍ୟମାନଙ୍କ ପାଇଁ) ଦୃଷ୍ଟାନ୍ତ ସ୍ୱରୁପ ନିଦର୍ଶନ ଦେଇଥାନ୍ତି ।

◆ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ସତ୍ୟତାର ପ୍ରମାଣରେ ଅଲ୍ଲାଃତାଲାଙ୍କର ବହୁତ ଗୁଡିଏ ନିଦର୍ଶନ ଉପସ୍ଥାପନ କରିଛନ୍ତି । ଯେ ଅମୁକ ଅମୁକ ନିଦର୍ଶନ ପୁରା ହୋଇସାରିଛି ଏବଂ ଆଁ ହଜ୍‌ରତ ସ:ଆ:ସ ଙ୍କ ର ନିର୍ଦ୍ଦେଶନମାନ ମଧ୍ୟ ବତେଇଛନ୍ତି କି ଆପଣ ଏପରି କହିଛନ୍ତି, ଏପରି ଐଶ୍ୱରିକ ବାଣୀ କରିଛନ୍ତି ଏବଂ ତାହା ପୁରା ହୋଇ ସାରିଛି । କିନ୍ତୁ ଉକ୍ତ ଧର୍ମୀୟ ସର୍ଦ୍ଦାରମାନେ ନିଜେ ମଧ୍ୟ ମାନିଲେ ନାହିଁ ଏବଂ ଲୋକମାନଙ୍କୁ ମଧ୍ୟ ବିପଥଗାମୀ କରାଇଲେ ଏବଂ ଏବେ ମଧ୍ୟ କରିଚାଲିଛନ୍ତି ।

## ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସତ୍ୟତା ପାଇଁ ପ୍ରକାଶିତ ନିଦର୍ଶନ ଗୁଡିକର ଇମାନ୍ ଅଫ୍‌ରୋଜ୍ ଚର୍ଚ୍ଚା

◆ ଆମ୍ଭେମାନେ ପ୍ରତ୍ୟେକ ଦିନ ଅଲ୍ଲାଃଙ୍କ ସାହାର୍ଯ୍ୟ ସହଯୋଗର ଯେଉଁ ଦୃଶ୍ୟ ଦେଖୁଅଛେ । **ଇନ୍ନଶା ଅଲ୍ଲାଃ** ସେହି ଦିନ ମଧ୍ୟ ନିଶ୍ଚୟ ଆସିବ ଯେତେବେଳେ ଅନ୍ୟାନ୍ୟ ସମ୍ପ୍ରଦାୟମାନର ଅବସ୍ଥା ସମ୍ପୂର୍ଣ୍ଣ ରୂପେ ମାମୁଲି ହୋଇଯିବ । କିନ୍ତୁ ଏଥିପାଇଁ ଆମ୍ଭକୁ ନିଜ ଓ ନିଜ ପିଲାମାନଙ୍କ ମଧ୍ୟରେ ଧାର୍ମିକ (ଭାବନାର) ଆତ୍ମା ଫୁଙ୍କିବାକୁ ହେବ ।

◆ ଯେଉଁଠାରେ ଅଲ୍ଲାଃଙ୍କ ସାହାର୍ଯ୍ୟ ସହଯୋଗର ହାତ ଥାଏ ସେଠାରେ ବିରୋଧ ପ୍ରଦର୍ଶନ ମଧ୍ୟ ହୋଇଥାଏ ଓ ଅବତାରମାନଙ୍କ ଜମାଅତଙ୍କ ସହ ସର୍ବଦା ଏହିଭଳି ଆଚରଣ ହୋଇଥାଏ କିନ୍ତୁ ଏହି ବିରୁଦ୍ଧାଚରଣ (ଆମ୍ଭକୁ) ଭୟଭିତ କରିନଥାଏ ବରଂ ଆମ୍ଭ ବିଶ୍ୱାସକୁ ସୁଦୃଢ ଓ ଅଭିବୃଦ୍ଧି କରିଥାଏ ।

## ଆଲଜେରିଆରେ ମଧ୍ୟ ପ୍ରଶାସନ ତରଫରୁ ଅହେମଦିମାନଙ୍କ ଉପରେ ଅତ୍ୟଧିକ ଅତ୍ୟାଚାର କରାଯାଉଅଛି ।

◆ ଶ୍ରୀମାନ ସୋଫନି ଜଫର ଅହେମଦ ସାହେବ ମୁବଲିଗ୍ ଇଣ୍ଡୋନେସିଆଙ୍କର ବିୟୋଗ ଏବଂ ମର୍‌ହୁମ୍‌ଙ୍କର ଉତମ ଚରିତ୍ରର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ ପାଠ ।

## ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୯ ଡିସେମ୍ବର ୨୦୧୬ ଅନୁଯାୟୀ ୯ ଫତାଃ ୧୩୯୫ ହି.ଶ)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُولُهٗ

أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ

اَلْحَمْدُ لِلّٰهِ رَبِّ الْعَالَمِيْنَ . اَلرَّحْمٰنِ الرَّحِيْمِ . مٰلِكِ يَوْمِ الدِّيْنِ . اِيَّاكَ نَعْبُدُ وَاِيَّاكَ نَسْتَعِيْنُ .

اِهْدِنَا الصِّرَاطَ الْمُسْتَقِيْمَ . صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ .

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନୱର ଅ:ବ କହିଲେ- ଯେଉଁମାନଙ୍କ ଆଖିରେ ପରଦା ପଡ଼ିଥାଏ ଅବା ଯେ ନିଷ୍ପତି କରିନେଇଥାନ୍ତି କି ଆମେ ମାନିବୁ ନାହିଁ, ସେମାନଙ୍କୁ ନା ଅଲ୍ଲାଃଙ୍କ ସାହାର୍ଯ୍ୟ ସହଯୋଗର ହାତ ଦେଖା ଯାଇଥାଏ, ନା ତାହାର ନିଦର୍ଶନ ଏବଂ ଅବତାରମାନଙ୍କୁ ଅସ୍ୱୀକାର କରୁଥିବା ଲୋକମାନଙ୍କର ସର୍ବଦା ଏହିପରି ଆଚରଣ ରହିଥାଏ । ଏକାଧିକ ନିଦର୍ଶନ ଦେଖିବା ପରେ ମଧ୍ୟ ସେମାନେ ଏହି କଥା କହିଥାନ୍ତି କି ଆମକୁ ନିଦର୍ଶନ ଦେଖାଅ । ସେମାନଙ୍କର ଏପରି ସୀମା ଲଙ୍ଘନ କରିବାର ଫଳ ସ୍ୱରୂପ ଅଲ୍ଲାଃ ସେମାନଙ୍କ ହୃଦୟକୁ ସଂକିର୍ଣ୍ଣ କରିଦେଇଥାନ୍ତି ସୁତରାଂ ସେମାନେ କଦାପି ସତ୍‌ପଥ ପ୍ରାପ୍ତ କରିପାରି ନଥାନ୍ତି । ପୁଣି କେତେକ ସମୟରେ ସେ ନିଜ ଅବତାରମାନଙ୍କ ସାହାର୍ଯ୍ୟ କରିବାକୁ ଯାଇ ବିରୋଧିମାନଙ୍କୁ (ଅନ୍ୟମାନଙ୍କ ପାଇଁ) ଦୃଷ୍ଟାନ୍ତ ସ୍ୱରୁପ ନିଦର୍ଶନ ଦେଇଥାନ୍ତି । ହଜରତ ମସିହ ମଉଦ ଆ.ସଙ୍କ ବିରୋଧୀମାନେ ମଧ୍ୟ ଏହିପରି ହିଁ ଥିଲେ, ଯେଉଁମାନେ କି ଐଶ୍ୱରିକ ଚିହ୍ନ ଦେଖିବା ପରେ ମଧ୍ୟ ନିଜ ଅମାନିଆ ସ୍ୱଭାବ ଯୋଗୁଁ ଏଥିରୁ କୌଣସି ନିଦର୍ଶନ ହାସଲ କରି ପାରୁନଥିଲେ ଏବଂ ସେମାନଙ୍କ ମଧ୍ୟରୁ କିଛି ଓଲେମା ଇବ୍‌ରତ୍ ର ଚିହ୍ନ ହୋଇଗଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ସତ୍ୟତାର ପ୍ରମାଣରେ ଅଲ୍ଲାଃତାଲାଙ୍କର ବହୁତ ଗୁଡିଏ ନିଦର୍ଶନ ଉପସ୍ଥାପନ କରିଛନ୍ତି । ଯେ ଅମୁକ ଅମୁକ ନିଦର୍ଶନ ପୁରା ହୋଇସାରିଛି ଏବଂ ଆଁ ହଜ୍‌ରତ ସ:ଆ:ସ ଙ୍କ ର ନିର୍ଦ୍ଦେଶନମାନ ମଧ୍ୟ ବତେଇଛନ୍ତି କି ଆପଣ ଏପରି କହିଛନ୍ତି, ଏପରି ଐଶ୍ୱରିକ ବାଣୀ କରିଛନ୍ତି ଏବଂ ତାହା ପୁରା ହୋଇ ସାରିଛି । କିନ୍ତୁ ଉକ୍ତ ଧର୍ମୀୟ ସର୍ଦ୍ଦାରମାନେ ନିଜେ ମଧ୍ୟ ମାନିଲେ ନାହିଁ ଏବଂ ଲୋକମାନଙ୍କୁ ମଧ୍ୟ ବିପଥଗାମୀ କରାଇଲେ ଏବଂ ଏବେ ମଧ୍ୟ କରିଚାଲିଛନ୍ତି । ଏହି ନିଦର୍ଶନମାନଙ୍କର ଆଲୋଚନା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସିଲ୍‌ସିଲାର ସତ୍ୟତା ପ୍ରକାଶ କରିବା ପାଇଁ ବିବିଧ ସମୟରେ ବିବିଧ ନିଦର୍ଶନମାନ ପ୍ରକାଶ କରିଛନ୍ତି । ଆପଣ ଯେଉଁ ନିଦର୍ଶନ ବର୍ଣ୍ଣନା କରିଛନ୍ତି କହିଲେ ଯେ ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ ଏହାକୁ ଚିହ୍ନ (ନିଦର୍ଶନ) ବୋଲି ବିବେଚିତ କରିଛନ୍ତି । ସେମାନଙ୍କ ମଧ୍ୟରୁ କଶୁଫ୍ ଓ ଖଶୁଫ୍ ର ଚିହ୍ନ ମଧ୍ୟ ଅନ୍ୟତମ । ଯେପରି ସୂର୍ଯ୍ୟ, ଚନ୍ଦ୍ର ଗ୍ରହଣର ନିଦର୍ଶନ । ହଜୁର ଆ.ସ କୁହନ୍ତି ଯେପର୍ଯ୍ୟନ୍ତ ଏହି ନିଦର୍ଶନ ପୂରଣ ହୋଇନଥିଲା, ମୌଲବିମାନେ ଅଶ୍ରୁ ଝରାଇ ଉକ୍ତ ହଦିସ ପାଠ କରୁଥିଲେ । କିନ୍ତୁ ଯେତେବେଳେ ଏହା ପୂରଣ ହୋଇଗଲା ଏବଂ ଥରେ ନୁହେଁ ବରଂ ଦୁଇ ଦୁଇ ଥର ଅର୍ଥାତ ପ୍ରଥମେ ହିନ୍ଦୁସ୍ତାନରେ ଓ ଦ୍ୱିତୀୟ ଥର ଆମେରିକାରେ ସେତେବେଳେ ଉକ୍ତ (ହଦିସର) ମାନ୍ୟକାରୀମାନେ ହିଁ ନିଦର୍ଶନକୁ ଅସ୍ୱୀକାର କରିଦେଲେ । ଯେତେବେଳେ ଏହି ନିଦର୍ଶନ ପ୍ରକାଶିତ ହେଲା ସେତେବେଳେ ମୌ. ଗୁଲାମ ମୁରତେଜା ନାମକ ଜଣେ ବ୍ୟକ୍ତି ନିଜ ଜଙ୍ଘକୁ ମାରି ମାରି ବଡ଼ ଦୁଃଖରେ କହିଉଠିଲା କି ବର୍ତମାନ ସଂସାରବାସୀ ପଥଭ୍ରଷ୍ଟ ହୋଇଯିବେ । ହଜରତ ମସିହ ମଉଦ ଆ.ସ କୁହନ୍ତି- ବର୍ତମାନ ଚିନ୍ତାକର କଣ ସେ ଅଲ୍ଲାଃଙ୍କ ଠାରୁ ଅଧିକ ଲୋକମାନଙ୍କ ମଙ୍ଗଳ କାମନାକାରୀ ଥିଲେ । ସେହିପରି ହଜୁର ଆ.ସଙ୍କ ସତ୍ୟତା ପ୍ରତିପାଦନ କରିବା ନିମନ୍ତେ ତାଉନର ନିଦର୍ଶନ, ନଦୀ ଓ କେନାଲ ଆଦି ନିର୍ମାଣ ହେବା, ପବିତ୍ର କୋରାନର ଭବିଷ୍ୟବାଣୀ, ନୂତନ ଜନବସତୀ ସ୍ଥାପନ ହେବା, ପାହଡ଼ ଖଣ୍ଡ ବିଖଣ୍ଡିତ ହେବା, ପୁସ୍ତକ ଓ ଖବର କାଗଜ ପ୍ରକାଶିତ ହେବା, ନୂତନ ଯାନବାହନ ଆଦିର ନିଦର୍ଶନ ମାନ ପ୍ରକାଶିତ ହେଲା । ତେବେ ଏପରି ଅନେକ ନିଦର୍ଶନ ଆପଣ ବର୍ଣନା କଲେ ଯାହାର ଖବର ପବିତ୍ର କୋରାନରେ ମଧ୍ୟ ଦରଜ ରହିଛି ଏବଂ ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ ବତେଇଛନ୍ତି ।

**(ମଲ୍‌ଫୁଜାତ୍ ଖଣ୍ଡ-୯, ପୃଷ୍ଠା-୧୫୭-୧୫୮, ୧୯୮୫ ଏଡିସନ୍, ମୁଦ୍ରଣ-ଇଂଲିସ୍ ସ୍ଥାନ)**

ହଜରତ ମୁସଲେହ ମଉଦ ର.ଆ କୁହନ୍ତି ଦେଖ ଲୋକମାନେ ଏହି ନିଦର୍ଶନ ଗୁଡ଼ିକୁ ଦେଖିବା ପରିବର୍ତେ ହଜରତ ମସିହ ମଉଦ ଆ.ସଙ୍କ ଉପରେ ନିହାତି ଛୋଟ ଛୋଟ ତଥା ଅବାନ୍ତର ଆପତି କରୁଥିଲେ । ଯେପରିକି କେତେକ କହୁଥିଲେ କି ଆଙ୍କର ତ ପଗଡ଼ି ବଙ୍କା ରହିଛି ଯେ କିପରି ମସିହ ମଉଦ ହୋଇପାରିବେ । ପୁଣି କେତେକ କୁହନ୍ତି କି ଏ ତ କାଫ୍(ଆରବି ଅକ୍ଷର) ସଠିକ୍ ରୂପେ ଉଚାରଣ କରିପାରୁ ନାହାନ୍ତି । ଯେ କିଭଳି ମସିହ ମଉଦ ହୋଇପାରିବେ । ଆପଣ ନିଦର୍ଶନ ପରେ ନିଦର୍ଶନ ଦେଖାଇଲେ କିନ୍ତୁ କେତେକ ଆପତି କଲେ କି ଯେ ତ ନିଜ ପତ୍ନୀଙ୍କ ପାଇଁ ଗହଣା ତିଆରୀ କରୁଛନ୍ତି ଓ ନିଜେ ବାଦାମ ତଥା ତେିଳ ବ୍ୟବହାର କରୁଛନ୍ତି । ଯାଙ୍କୁ ଆମେ କିଭଳି ସ୍ୱୀକାର କରିନେବୁ । ପୁଣି କେତେକ ଲୋକ ଆପଣଙ୍କ ନିକଟକୁ ଆସି ନିଦର୍ଶନ ମାଗିଥାନ୍ତି । ସେମାନଙ୍କୁ ଆପଣ କୁହନ୍ତି ପୂର୍ବ ନିଦର୍ଶନମାନଙ୍କରୁ ଆପଣମାନେ କିପରି ଉପକୃତ ହେଲେ । ଯେତେବେଳେ

ପୂର୍ବ ସହସ୍ର ନିଦର୍ଶନରୁ ତୁମେମାନେ କୌଣସି ସୁଫଳ ଲାଭ କରିପାରିଲ ନାହିଁ । ତେବେ ଆଉ ନିଦର୍ଶନ ପ୍ରକାଶିତ ହେଲେ କିଭଳି ଉପକୃତ ହେବ । ମନେରଖ ଏପରି ଲୋକମାନେ ହିଁ ସର୍ବଦା (ସତ୍‌ପଥ ପ୍ରାପ୍ତିରୁ) ବଂଚିତ ରହିଥାନ୍ତି । କାରଣ ସେମାନଙ୍କ ଭାଗ୍ୟରେ ଏହା ଲେଖି ଦିଆଯାଇଛି ଯେ, ଏମାନେ ବଂଚିତ ରହିବେ ।

**(ଉଦ୍ଧୃତ ଖୁତ୍‌ବାତେ ମହେମୁଦ୍, ଖଣ୍ଡ-୧୧, ପୃଷ୍ଠା-୨୨୪-୨୨୫)**

ଆଉ ଏକ ବହୁତ ବଡ଼ ନିଦର୍ଶନ ଯାହାକି ପ୍ରତ୍ୟେକ ଦିନ ପୂରଣ ହୋଇଚାଲିଛି । ହଜରତ ମସିହ ମଉଦ ଆ.ସ କୁହନ୍ତି ତାହା ଏହି କି ଯେ, ମୋତେ ଏକ ଦୁଆ ଶିଖାଗଲା ଅର୍ଥାତ ଦୈବ୍ୟବାଣୀ ହେଲା କି **ରବେ ଲା ତଜରନି ଫରଦନ୍ ୱ ଅନ୍‌ତା ଖଏରୁଲ୍ ୱାରିସିନ୍** ଅର୍ଥାତ ମୋତେ ଏକାକି ଛାଡ଼ି ଦିଅ ନାହିଁ ବରଂ (ମୋର) ଏକ ଜମାଅତ କରିଦିଅ । ଅନ୍ୟ ସ୍ଥାନରେ କୁହନ୍ତି **ୟାତିକା ମିନ୍ କୁଲ୍ଲେ ଫଜିନ୍ ଅମିକ୍** ଅର୍ଥାତ ପ୍ରତ୍ୟେକ ଦିଗରୁ ଅଲ୍ଲାହ୍‌ତାଲା ତୋ ଅତିଥିମାନଙ୍କ ଆବଶ୍ୟକତା ସ୍ୱୟଂ ପୂରଣ କରିବେ । **ୟାତୁନା ମିନ୍ କୁଲ୍ଲେ ଫଜିନ୍ ଅମିକ୍** ଅର୍ଥାତ ଏବଂ ପ୍ରତ୍ୟେକ ଦିଗରୁ ଅତିଥିମାନେ ତୁମ ନିକଟକୁ ଆସିବେ । ଆପଣ କହିଲେ **ଯେ ଏହା ୨୬ ବର୍ଷ ପୂର୍ବର ସ୍ୱର୍ଗବାଣୀ (ପେଶ୍‌ଗୋଇ) ଅଛି । (ଉଦ୍ଧୃତ ମଲ୍‌ଫୁଜାତ୍ ଖଣ୍ଡ-୯, ପୃଷ୍ଠା-୧୬୧)** ଆମେ ଦେଖୁଅଛୁ ଯେ ଆଜି ପର୍ଯ୍ୟନ୍ତ ଏହି ନିଦର୍ଶନ ବେଶ୍ ସୁନ୍ଦର ଭାବରେ ପୂରଣ ହୋଇଚାଲିଛି । ପ୍ରତ୍ୟେକ ଦିନ ଆପଣଙ୍କ ଜମାଅତ ସଂଖ୍ୟା ଗରିଷ୍ଠତା ହାସଲ କରିଚାଲିଛି ଏବଂ ସେମାନଙ୍କ ଧର୍ମ ମାର୍ଗରେ ଅର୍ଥ ବ୍ୟୟ କରିବାର ସ୍ତର ବେଶ୍ ଆଗକୁ ବଢ଼ିବା ଆପଣଙ୍କ ସତ୍ୟତାର ଜ୍ୱଳନ୍ତ ପ୍ରମାଣ ଅଟେ । କିନ୍ତୁ ଏସବୁ ସେ ଦେଖିଥାଏ ଯାହାର (ଆଧ୍ୟାତ୍ମିକ) ଦୃଷ୍ଟି ଶକ୍ତି ଥାଏ । ଅନ୍ଧକୁ ଦେଖାଯାଇ ନଥାଏ ।

ହଜରତ ମୁସଲେହ ମଉଦ ର.ଆ ହଜରତ ମସିହ ମଉଦ ଆ.ସଙ୍କ କେତେକ ଐଶ୍ୱରିକ ବାଣୀ ଯେଉଁଥିରେ ଜମାଅତର ବିଜୟ ଓ ଉନ୍ନତି ସମ୍ବନ୍ଧରେ ବର୍ଣନା କରିଛନ୍ତି । ସେଥି ମଧ୍ୟରୁ କିଛି ଏଠାରେ ଉପସ୍ଥାପନ କରୁଅଛି । ଆପଣ କୁହନ୍ତି ଅଲ୍ଲାହ୍‌ତାଲା ହଜରତ ମସିହ ମଉଦ ଆ.ସଙ୍କୁ ଏକାଧିକ ଥର ଦର୍ଶାଇଲେ ଯେ ଜମାଅତକୁ ମଧ୍ୟ ସେହିଭଳି ବଳିଦାନ ଦେବାକୁ ହେବ ଯେପରିକି ପୂର୍ବ ଅବତାରମାନଙ୍କ ଜମାଅତମାନେ ଦେଇଛନ୍ତି । ଏକଦା ହଜରତ ମସିହ ମଉଦ ଆ.ସ ଦିବ୍ୟ ସ୍ୱପ୍ନ ଦେଖିଲେ କି ସେ ନିଜାମୁଦ୍ଦିନଙ୍କ ଘରେ ପ୍ରବେଶ କରିଛନ୍ତି । ନିଜାମୁଦ୍ଦିନର ଅର୍ଥ ଧାର୍ମିକ ବ୍ୟବସ୍ଥା ଏବଂ ଏହି ଦିବ୍ୟ ସ୍ୱପ୍ନର ତାତ୍‌ପର୍ଯ୍ୟ ଏହା କି ଶେଷରେ ଜମାଅତ ଅହେମଦିୟାର ବ୍ୟବସ୍ଥା ସଂସାରର ସମସ୍ତ ବ୍ୟବସ୍ଥା ଉପରେ ଜୟ ଲାଭ କରିବ **ଇନ୍ନଶା ଅଲ୍ଲାହ୍** କିନ୍ତୁ ଏହି ବିଜୟ କିଭଳି ହାସଲ ହେବ ସେଥି ସମ୍ବନ୍ଧରେ ଆପଣ କୁହନ୍ତି- ମୁଁ ଉକ୍ତ ଘରେ କିଛି ହସନି ମାର୍ଗରେ ଓ କିଛି ହୁସେନି ମାର୍ଗରେ ପ୍ରବେଶ କଲି । ସମସ୍ତେ ଜାଣନ୍ତି ଯେ, ହଜରତ ହସନ୍ ର.ଆ ସନ୍ଧି ମାଧ୍ୟମରେ କୃତକାର୍ଯ୍ୟ ହୋଇଥିଲେ ଓ ହଜରତ ହୁସେନ ର.ଆ ବଳିଦାନ ଦେଇ କୃତକାର୍ଯ୍ୟ ଓ ସଫଳ ହୋଇଥିଲେ ।

ସୁତରାଂ ହଜରତ ମସିହ ମଉଦ ଆ.ସଙ୍କୁ ଏହି ଦିବ୍ୟ ସ୍ୱପ୍ନରେ ଦର୍ଶା ଯାଇଥିଲା ଯେ, ନିଜାମୁଦ୍ଦିନ ସ୍ଥାନରେ ଜମାଅତ ପହଂଚିବ କିନ୍ତୁ ସେଥିପାଇଁ ତାହାକୁ କିଛି ସନ୍ଧି, ପ୍ରେମ ଓ ବଳିଦାନ ଦେବାକୁ ହେବ । ଯଦି ଆମ୍ଭମାନଙ୍କ ମଧ୍ୟରୁ କେହି ଚିନ୍ତା କରୁଥାନ୍ତି କି ସନ୍ଧି, ପ୍ରେମ ଓ ବଳିଦାନ ବ୍ୟତୀତ ଏହି ଜମାଅତ ଉନ୍ନତି କରିନେବ ତେବେ ସେ ଭ୍ରାନ୍ତ ଧାରଣା ପାଳି ବସିଛି । ଆମ୍ଭକୁ କଦାଚିତ୍ ସନ୍ଧି ଓ ସମ୍ପର୍କ ଯୋଡ଼ିବାର ମାର୍ଗ ଅବଲମ୍ବନ କରିବାକୁ ହେବ ତ କଦାଚିତ୍ ହୁସେନି ମାର୍ଗ ଅର୍ଥାତ ଶତ୍ରୁ ସମ୍ମୁଖରେ ପ୍ରାଣ ବଳି ଦେବାକୁ ହେବ କିନ୍ତୁ କଦାପି ଶତ୍ରୁ କଥାରେ ରାଜି ହେବାର ନାହିଁ । ଏହି ଦୁଇଟି ରାସ୍ତା ଆମ ପାଇଁ ନିୟତ ଅଛି । ନାଁ କେବଳ ମସିହିୟତ୍‌ର ସମ୍ପର୍କ ଆମ ପାଇଁ ନିୟତ ଅଛି ନାଁ କେବଳ ମେହେଦୁଇୟତ୍‌ର ସମ୍ପର୍କ ଆମ ପାଇଁ ମୋକଦର୍ ଅଛି । ଗୋଟିଏ ମଧ୍ୟମ ରାସ୍ତା ଅଛି ଯେଉଁଥିରେ ଆମକୁ ଚାଲିବାକୁ ହେବ । ଗୋଟିଏ ବିଜୟ ସୁଲାହ୍, ପ୍ରେମ ଏବଂ ସ୍ନେହ ସହାର୍ଦ୍ଦ୍ୟର ସହିତ ହେବ ଏବଂ ଆଉ ଗୋଟିଏ ବିଜୟ ବଳିଦାନର ସହିତ ହେବ । ଏହା ପରେ ଯମାତ୍ ନିଜାମୁଦ୍ଦିନଙ୍କ ଘରେ ପ୍ରବେଶ କରିବ ।

**(ଉଦ୍ଧୃତ ତଫ୍‌ସିର୍ କବିର୍ ଖଣ୍ଡ-୭, ପୃଷ୍ଠା-୫୮୩)**

ଅଲ୍ଲାହ୍‌ଙ୍କ କୃପାରୁ ଜମାଅତର ସଦସ୍ୟମାନେ ଏହି ଦୁଇ ମାର୍ଗର ନମୁନା ଦେଖାଇ ଚାଲିଛନ୍ତି । ସୁଲାହ୍, ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ବାର୍ତ୍ତା ମଧ୍ୟ ଆମ ତରଫରୁ ଦିଆଯାଉଅଛି ଏବଂ ଦୀନ୍ ପାଇଁ ବଳିଦାନ ମଧ୍ୟ ଯମାତ୍ ଦେଇ ଚାଲିଛି ।

ପୁଣି ଆପଣ ଗୋଟିଏ ସ୍ଥାନରେ ଆପଣ କହିଛନ୍ତି ଯେ ହଜରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ସ୍ୱର୍ଗବାଣୀ ହେଲା ଏବଂ ନିଦର୍ଶନ ଦେଖାଇ ଦିଆଗଲା । ଏହା ସେହି ଏଲହାମ୍‌ର ବର୍ଦ୍ଧିତ ଅଂଶର ଆଲୋଚନା ଅଟେ । ମସ୍‌ଜିଦ୍ ମୁବାରକ୍‌ର ନିକଟରେ ଏ ଯେଉଁ ଘର ଅଛି (ମିର୍ଜା ନିଜାମୁଦ୍ଦିନ୍‌ଙ୍କ ଘର ଥିଲା) ଏଥିରେ ଆମେ କିଛି ହସ୍‌ନି ତରିକାରେ ପ୍ରବେଶ କରିବୁ ଏବଂ କିଛି ହୁସେଇନି ତରିକାରେ ପ୍ରବେଶ କରିବୁ । ବହୁତ ଲୋକ ଆଶ୍ଚର୍ଯ୍ୟ ହେଉଥିଲେ ଯେ ଏହି ଏଲହାମ୍‌ର ଅର୍ଥ କ'ଣ ? ହଜରତ୍ ମୁସ୍‌ଲେହ୍ ମଉଦ କହୁଛନ୍ତି କି ମୁଁ ନିଜେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଠାରୁ ଶୁଣିଛି । ଆପଣ କହୁଛନ୍ତି କି ମୋତେ ଜଣାନାହିଁ ଯେ ଏଲହାମ୍‌ର ଅର୍ଥ କ'ଣ କିନ୍ତୁ ସମୟ ଅନୁସାରେ ମୋ ଉପରେ ଏହାର ଅର୍ଥ ସ୍ପଷ୍ଟ ହୋଇ ଚାଲିଛି । **(ଖୁତ୍‌ବାତେ ମହେମୁଦ୍, ଖଣ୍ଡ-୩, ପୃଷ୍ଠା-୩୯-୪୦)**

ହଜରତ୍ ମୁସ୍‌ଲେହ୍ ମଉଦ୍ କହୁଛନ୍ତି – ହଜରତ ମସିହ ମଉଦ ଆ.ସଙ୍କ ସମୟରେ ଯେତେବେଳେ ଆପଣଙ୍କ ସାଥିରେ କେହି ଜଣେ ହେଲେ ମଧ୍ୟ ନଥିଲେ, ସେତେବେଳେ ଆପଣ କହିଥିଲେ କି ଅଲ୍ଲାହ୍ ମୋତେ ଖବର ଦେଇଛନ୍ତି କି ତୁମ ଜମାଅତ ଏଭଳି ଉନ୍ନତି ଲାଭ କରିବ ଯେ ସଂସାରର ସମସ୍ତ ସମ୍ପ୍ରଦାୟ ଏପରି (ଅବସ୍ଥାରେ) ରହିଯିବ ଯେମିତି ଆଜିକାଲିର ପୁରୁଣା ବହିଷ୍କୃତ ସମ୍ପ୍ରଦାୟ ରହିଛନ୍ତି ।

**(ଉଦ୍ଧୃତ ମିନ୍‌ହାୟୁତ୍ ତାଲ୍‌ବିନ୍, ଅନ୍‌ୱାରୁଲ୍ ଓ୍ୱଲୁମ୍, ଖଣ୍ଡ-୯, ପୃଷ୍ଠା-୨୧୩)**

ହଜୁର ଅନଓ୍ୱର ଅ.ବ କହିଲେ ଆମ୍ଭେମାନେ ପ୍ରତ୍ୟେକ ଦିନ ଅଲ୍ଲାହ୍‌ଙ୍କ ସାହାର୍ଯ୍ୟ ସହଯୋଗର ଯେଉଁ ଦୃଶ୍ୟ ଦେଖୁଅଛେ । **ଇନ୍ନଶା ଅଲ୍ଲାହ୍** ସେହି ଦିନ ମଧ୍ୟ ନିଶ୍ଚୟ ଆସିବ ଯେତେବେଳେ ଅନ୍ୟାନ୍ୟ ସମ୍ପ୍ରଦାୟମାନର ଅବସ୍ଥା ସମ୍ପୂର୍ଣ୍ଣ ରୂପେ ମାମୁଲି ହୋଇଯିବ । କିନ୍ତୁ ଏଥିପାଇଁ ଆମ୍ଭକୁ ନିଜ ଓ ନିଜ ପିଲାମାନଙ୍କ ମଧ୍ୟରେ ଧାର୍ମିକ (ଭାବନାର) ଆତ୍ମା ଫୁଙ୍କିବାକୁ ହେବ । ଯେଉଁ ସ୍ଥଳେ ଅଲ୍ଲାହ୍‌ଙ୍କ ସାହାର୍ଯ୍ୟ ସହଯୋଗର ହାତ ଥାଏ ସେଠାରେ ବିରୋଧ ପ୍ରଦର୍ଶନ ମଧ୍ୟ ହୋଇଥାଏ ଓ ଅବତାରମାନଙ୍କ ଜମାଅତଙ୍କ ସହ ସର୍ବଦା ଏହିଭଳି ଆଚରଣ ହୋଇଥାଏ କିନ୍ତୁ ଏହି ବିରୁଦ୍ଧାଚରଣ (ଆମ୍ଭକୁ) ଭୟଭିତ କରିନଥାଏ ବରଂ ଆମ୍ଭ ବିଶ୍ୱାସକୁ ସୁଦୃଢ ଓ ଅଭିବୃଦ୍ଧି କରିଥାଏ । ହଜୁର ଅନଓ୍ୱର ଅ.ବ କହିଲେ- କିଛି ଦିନ ପୂର୍ବେ ରବଓ୍ୱାର ତହରିକେ ଜଦିଦ୍ ବିଭାଗର କାର୍ଯ୍ୟାଳୟ ଓ ଜିୟାଉଲ ଇସଲାମ ପ୍ରେସରେ ପ୍ରଶାସନିକ ସୁରକ୍ଷାର ବିଶେଷ ଗୁଇନ୍ଦା ବିଭାଗ ରେଡ଼ କରି ଦୁଇ ଜଣ ମୁରବୀ ଓ କିଛି କର୍ମୀମାନଙ୍କୁ ଧରି ନେଇଗଲେ । ଏହି ପରିପ୍ରେକ୍ଷୀରେ ରବଓ୍ୱାରୁ କିଛି ଲୋକ ଯେଉଁମାନଙ୍କ ମଧ୍ୟରେ ମହିଳା ମଧ୍ୟ ସାମିଲ ଅଛନ୍ତି ମୋତେ ପତ୍ର ଲେଖିଲେ କି ଆମ୍ଭେମାନେ (ପ୍ରଶାସନର) ଏପରି ହରକତରେ କଦାପି ଭୟଭୀତ ନାହୁଁ ବରଂ ଆମ୍ଭର ବିଶ୍ୱାସ ସୁଦୃଢ ରହିଛି ଏବଂ ସର୍ବଦା ଏଥିରେ ଅଭିବୃଦ୍ଧି ହୋଇଚାଲିଥିବ । ଆମ୍ଭେ ସମସ୍ତ ପ୍ରକାରର ଦୁଃଖ, କଷ୍ଟ ଓ ସମସ୍ୟାର ସାମନା କରିବାକୁ ତଥା ନିଜ ପ୍ରାଣ ବଳି ଦେବାକୁ ମଧ୍ୟ ପ୍ରସ୍ତୁତ ଅଛୁ । ହଜୁର କହିଲେ ଏପରି ଭାବନା ପ୍ରତ୍ୟେକ ମୋମିନ ମଧ୍ୟରେ ଉପନ୍ନ ହେବା ଉଚିତ୍ ଏବଂ ଏପରି ଅମଳ କହିବାର ହିଁ ହଜରତ ମସିହ ମଉଦ ଆ.ସ ଆମ୍ଭମାନଙ୍କୁ ଉପଦେଶ ଦେଇଛନ୍ତି । ତେବେ ତୁମେ ଅଲ୍ଲାହ୍‌ଙ୍କ ପ୍ରତିଶୃତୀ ଓ ସାହାର୍ଯ୍ୟ ସହଯୋଗର ଦୃଶ୍ୟ ଦେଖିବ । ନିଃସନ୍ଦେହ ଶେଷରେ ହଜରତ ମସିହ ମଉଦ ଆ.ସଙ୍କ ଜମାଅତ ହିଁ ଜୟଯୁକ୍ତ ହେବ । ବିରୁଦ୍ଧାଚରଣ ତ ହେଉ ଅଛି ଓ ହେବ । ଏ ଯେଉଁ ଆକ୍ରମଣକାରୀ ରେଡ଼୍ (Raid) କରୁଥିଲେ (ଆକ୍ରମଣ ତ ନୁହେଁ, ରେଡ଼୍ କରିବାର କହିବା କଥା) । ଏହି ବିଚରା ମାନଙ୍କୁ ସବୁଠାରୁ ଅଧିକ ଡ଼ର ଏବଂ ଭୟ (Terror) ଅହେମଦୀୟଙ୍କ ପାଇଁ ହେଉଅଛି । କାରଣ ଅହେମଦୀ କହୁଛନ୍ତି ଯେ ଅଲ୍ଲାହ୍‌ଙ୍କ ଭୟ ହୃଦୟରେ ଜନ୍ମ କର । ଅହେମଦୀ ଅଲ୍ଲାହ୍‌ଙ୍କ ଡ଼ର ଦେଖାଉଛନ୍ତି । ସେ କହୁଛନ୍ତ କି ଅଲ୍ଲାହ୍‌ତାଲାଙ୍କ ଦଣ୍ଡରୁ ବଂଚ ଏବଂ ତାଙ୍କୁ ହିଁ ଭୟ କର ଏବଂ ସେମାନେ ବିସ୍ମିତ ହେଉଛନ୍ତି ଯେ ଅହେମଦୀମାନେ ଏପରି କଥା କିପରି କରିପାରୁଛନ୍ତି ? ଏମାନେ ଆମକୁ ଅଲ୍ଲାହ୍‌ତାଲାଙ୍କର ଭୟ ଦେଖାଉଛନ୍ତି । ତେଣୁ ଏମାନଙ୍କଠାରୁ ବଡ଼ ସନ୍ତ୍ରାସବାଦୀ ଆଉ କିଏ ହୋଇପାରିବ । ଯିଏ ଆମକୁ ଅଲ୍ଲାହ୍‌ଙ୍କର ଭୟ ଦେଖାଇବ । ସେଇଥିପାଇଁ ସେମାନଙ୍କୁ ଧର ଏବଂ ନିଃଶେସ କରିଦିଅ । ଅଲ୍ଲାହ୍‌ତାଲା ପାକିସ୍ତାନକୁ ଏହି ମୌଲବିମାନଙ୍କ କବଳରୁ ରକ୍ଷା କରନ୍ତୁ ଯେ ପ୍ରକୃତ ଆତଙ୍କବାଦି ଅଟନ୍ତି ଏବଂ ଯେଉଁମାନେ ଦେଶରେ ଅଶାନ୍ତି ଓ ବିଭ୍ରାଟ ସୃଷ୍ଟି କରୁଛନ୍ତି । ଯଦ୍ୱାରା ସେଠାରେ କାହାର ମଧ୍ୟ ଜୀବନ ସୁରକ୍ଷିତ ନାହିଁ । ଏ ଯେଉଁ ବିଶେଷ ପୋଲିସ୍ ଅଛନ୍ତି ଯେଉଁମାନେ ଟେରରିଷ୍ଟଙ୍କୁ ନିଃଶେଷ କରିବା ପାଇଁ ନିୟୋଜିତ ଅଛନ୍ତି ସେମାନଙ୍କୁ ମଧ୍ୟ ସାହାସ ଦିଅନ୍ତୁ ଯେ ସେମାନେ ନିରୀହ ଅହେମଦୀମାନଙ୍କୁ (ଯେଉଁମାନେ ଦେଶପ୍ରେମୀ ଏବଂ କାନୁନ୍‌ର ପାଳନକାରୀ ଅଟନ୍ତି) କଷ୍ଟ ନ ଦେଇ ଉକ୍ତ ଲୋକଙ୍କ ସହିତ ଯୁଦ୍ଧ କରନ୍ତୁ ଏବଂ ସେମାନଙ୍କୁ ଧରନ୍ତୁ ଯାହାଙ୍କ ଦ୍ୱାରା ସାଧାରଣ ଲୋକଙ୍କର ଜୀବନ ମଧ୍ୟ ସୁରକ୍ଷିତ ନାହିଁ ଏବଂ ଯେଉଁମାନେ ଦେଶର ମୂଳଦୁଆକୁ ଢ଼ିଲା କରିବା ପାଇଁ ଚେଷ୍ଟାରତ ଅଛନ୍ତି ଏବଂ ସେହି ଲୋକମାନେ ମଧ୍ୟ ଯେଉଁମାନେ ଦେଶକୁ ଦୁଇ ହାତରେ ଶୋଷଣ କରିଚାଲିଛନ୍ତି । ଅହେମଦୀମାନଙ୍କୁ ଦୁଆ କରିବା ଉଚିତ୍ କି ଅଲ୍ଲାହ୍‌ତାଲା ପାକିସ୍ତାନ୍‌କୁ ସୁରକ୍ଷିତ ରଖନ୍ତୁ ଏବଂ ଉକ୍ତ ଜାଲିମ୍ ମାନଙ୍କ କବଳରୁ ରକ୍ଷା କରନ୍ତୁ । ବାକି ବଳିଦାନ ତ ଅହେମଦି ଦେଉଛନ୍ତି ଓ ଦେଇଚାଲିଥିବେ ଏବଂ **ଇନ୍ନଶା ଅଲ୍ଲାହ୍** ତାହାର ଫଳ ଅଲ୍ଲାହ୍‌ତାଲା ଅତି ଶିଘ୍ର ପ୍ରଦାନ ମଧ୍ୟ କରିବେ ।

ହଜୁର ଅନଓ୍ୱର ଅ.ବ କହିଲେ- ଆଲଜେରିଆରେ ମଧ୍ୟ ପ୍ରଶାସନ ତରଫରୁ ଅହେମଦିମାନଙ୍କ ଉପରେ ବେଶ୍ ଅଧିକ ଅତ୍ୟାଚାର କରାଯାଉଅଛି । ଅଲ୍ଲାହତାଲା ସେମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ ତଥା ସେମାନଙ୍କ ବିଶ୍ୱାସକୁ ଦୃଢତା ପ୍ରଦାନ କରନ୍ତୁ ଏବଂ ସେଠାକାର ପ୍ରଶାସନକୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ ଅହେମଦିୟତର ସତ୍ୟତା ସହ ଅବଗତ ହୁଅନ୍ତୁ ଯେ ଅହେମଦି ଶାନ୍ତି ପ୍ରିୟ ଓ ଦେଶ ଭକ୍ତ ଅଟନ୍ତି । ସେଠାକାର ଅହେମଦିମାନଙ୍କ ଉପରେ ଏହି ଆପତି କରାଯାଉଛି କି ଅହେମଦି ପ୍ରଶାସନ ବିରୋଧରେ ସଡ଼ଯନ କରୁଛନ୍ତି କିମ୍ବା ବିଭ୍ରାଟ ସୃଷ୍ଟି କରିବାକୁ ଚାହୁଛନ୍ତି । ଯେତେବେଳେ କି ସଂସାରରେ କୌଣସି ସ୍ଥାନରେ କେହି ଜଣେ ହେଲେ ମଧ୍ୟ ଅହେମଦି ଆଇନ ବିରୋଧ ତଥା ପ୍ରଶାସନ ବିରୋଧି କାର୍ଯ୍ୟ କରିନଥାନ୍ତି । ବରଂ ଆମେ ତ ଶାନ୍ତି, ପ୍ରେମ ଓ ଭଲପାଇବାର ପ୍ରଚାର ତଥା ପ୍ରସାରକାରୀ ଅଟୁ ଏବଂ ଏଥିପାଇଁ ନିଜ ଜୀବନର ଆହୁତି ମଧ୍ୟ ଦେବାକୁ ପଡ଼ିଲେ **ଇନ୍‌ଶା ଅଲ୍ଲାହ** ଦେଇଥାଉ ।

ମୁଁ ଏବେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଙ୍କ ସନ୍ଦର୍ଭ ଆଡ଼କୁ ଆସୁଛି । ଆପଣ କହୁଛନ୍ତି ଯେ ସଂସାରରେ ସବୁଠାରୁ ବିପଦ ବିରୁଦ୍ଧାଚରଣ ସମ୍ପର୍କୀୟ କରିଥାନ୍ତି । ପଞ୍ଜାବୀରେ କୁହାଯାଏ 'ଶରାକତ୍ ଦାଦାନାସର୍ ଦୁଖ୍ ଦେ ୱି ଖାନା' ଅର୍ଥାତ୍ – ସବୁଠାରୁ ବଡ଼ ବିରୋଧୀ ସମ୍ପର୍କୀୟମାନେ କରିଥାନ୍ତି କାରଣ ସେମାନେ ଏ କଥାକୁ ସହି ପାରିନଥାନ୍ତି ଯେ ତାଙ୍କ ମଧ୍ୟରୁ ଜଣେ ଛିଡ଼ା ହୋଇ ସଂସାରରେ ବଡ଼ ହେଉ ବା ସମ୍ମାନିତ ହେଉ । ଯେଉଁମାନେ ତାଙ୍କ ମୁକାବିଲାରେ ଚାଖଣ୍ଡ ଚାଖଣ୍ଡ ଜାଗା ପାଇଁ ଲଢ଼ି ମରୁଛନ୍ତି ସେମାନେ କଦାପି ଏହା ଗ୍ରହଣ କରିପାରିବେ ନାହିଁ ଯେ ସମଗ୍ର ସଂସାର ତାଙ୍କ ପାଖକୁ ଆସିଯାଉ । ସେଥିପାଇଁ ସେମାନେ ବହୁତ ଚେଷ୍ଟା କରିଥାନ୍ତି ଯେ କି ତାଙ୍କୁ ଦବେଇ ଦିଆଯାଉ । ଏପରିକି ଯଦି ସେମାନେ ନିଷ୍ଫଳ ହୋଇଯାଆନ୍ତି କି ସେମାନେ କିଛି କରିପାରୁନାହାଁନ୍ତି ବୋଲି ସେମାନେ କୌଣସି ନା କୌଣସି ପ୍ରକାର ମନର ରାଗକୁ ସୁଝାଇବା ପାଇଁ ଚେଷ୍ଟା କରିଥାନ୍ତି । ଆପଣ କହୁଛନ୍ତି କି ହଜ୍‌ରତ୍ ଖଲିଫା ଅଓ୍ୱଲ୍ ର:ଅ କହୁଛନ୍ତି କି ଶାହାପୁରର ରଇସ୍ ମାନଙ୍କ ମଧ୍ୟରୁ ଜଣକୁ ଯେତେବେଳେ ଖାନ୍ ବାହାଦୁର୍‌ର ଉପାଧି ମିଳିଲା ତେବେ ତାଙ୍କ କୁଟୁମ୍ବର ଜଣେ ସ୍ତ୍ରୀ ଯେ ବହୁତ ଗରିବ ଥିଲେ ନିଜ ପୁଅର ନାମ ଖାନ୍ ବାହାଦୁର ରଖିଦେଲେ । ତାଙ୍କୁ ଯେତେବେଳେ ପଚରାଗଲା ଯେ ତୁମେ କାହିଁକି ଏପରି କଲ ? ଏପରି ନାମ ରଖିବାର କ'ଣ କାରଣ ? ସେ କହିଲେ ମୁଁ ଜାଣିନାହିଁ ଯେ ମୋ ପୁଅ ବଡ଼ ହୋଇ କ'ଣ ହବ । କିନ୍ତୁ ଲୋକମାନେ ଯେତେବେଳେ ତାର ନା ନେବେ, ଯେପରି ତା'ର ସମ୍ପର୍କୀୟକୁ ଖାନ୍ ବାହାଦୁର୍ ବୋଲି ଡ଼ାକୁଛନ୍ତି ସେହିପରି ମୋ ପୁଅକୁ ମଧ୍ୟ କହିବେ । ତେଣୁ ସେମାନେ ଆଉ କିଛି ତ କରିପାରିବେନି, ନାଁ ରଖିଦିଅନ୍ତି । ସୁତରାଂ ଆପଣ କହୁଛନ୍ତି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେବେ ଦାବି କଲେ ତେବେ ଆପଣଙ୍କର ବନ୍ଧୁ ବାନ୍ଧବ ମାନଙ୍କ ମଧ୍ୟରୁ ମଧ୍ୟ ଜଣେ ଇମାମ୍ ହେବାର ଦାବୀ କଲେ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ଫାର୍ସୀର ଗୋଟିଏ ଦୃଷ୍ଟାନ୍ତ ଦେଇ କହୁଛନ୍ତି- ''ଫିକ୍‌ର୍ ହର୍‌କଶ୍ ବକଦର୍ ହିମ୍ମତ୍ ଓସ୍ତ୍'' । ଅର୍ଥାତ୍ ପ୍ରତ୍ୟେକଙ୍କ ଭାବନା ଏବଂ ଚିନ୍ତାଧାରା ତାଙ୍କ ସାହାସ ଏବଂ ସ୍ଥିତିର ଅନୁରୂପ ହୋଇଥାଏ । ଆପଣ କହୁଛନ୍ତି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଦାବୀ କରିଛନ୍ତି କି ମୁଁ ସମଗ୍ର ସଂସାର ପାଇଁ ହକମ୍ ରୂପେ ପ୍ରେରିତ ହୋଇଅଛି ଏବଂ କେବଳ ଛୋଟ ଲୋକଙ୍କ ପାଇଁ (ଛୋଟମନ ବା ପ୍ରକୃତିର ଲୋକ) ନୁହେଁ ବରଂ ବଡ଼ ବଡ଼ ସମ୍ରାଟ ମାନଙ୍କ ଉପରେ ମଧ୍ୟ ଧାର୍ଯ୍ୟ ଅଟେ ଯେ ସେମାନେ ମୋର ଅନୁସରଣ କରନ୍ତୁ । କିନ୍ତୁ ତାଙ୍କର ସମ୍ପର୍କୀୟମାନେ କେବଳ ନାମଲେଖାରେ ହିଁ ରହିଥିଲେ । ତାଙ୍କର ସମ୍ପର୍କୀୟମାନେ ଏହା ଦାବୀ କଲେ ଯେ ସେ ଚୁଢ଼ୋ (ଝାଡୁଦାର) ଙ୍କର ଇମାମ୍ ଅଟନ୍ତି ବୋଲି । ଏପଟେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଦାବୀ କରି ଏହା ଲେଖିଦେଲେ ଯେ ଇଂଲିସ୍ ସ୍ଥାନର ସମ୍ରାଟ ଉପରେ ମଧ୍ୟ ଧାର୍ଯ୍ୟ ଅଟେ ଯେ ସେ ମତେ ମାନିନିଅନ୍ତୁ । ତେଣୁ ନିଜେ ରାଣୀକୁ ଲେଖି ପଠାଇଦେଲେ (ଯିଏ ସେ ସମୟରେ ସମ୍ରାଟ ଥିଲେ) । ଏହାର ବିପରୀତ ଝାଡୁଦାର୍‌ଙ୍କ ଇମାମ୍ ବୋଲି ଦାବି କରୁଥିବା ଲୋକଙ୍କ ସାହାସ ବା ସେମାନଙ୍କର ସାଥି ଲୋକଙ୍କର ଏ ଅବସ୍ଥା ଥିଲା କି ଏଠି ଆସି ଯେତେବେଳେ ଥାନା ବାବୁ ତାଙ୍କୁ ପଚରିଲେ ତୁମେ କ'ଣ କୌଣସି ଦାବି କରି ଅଛ ? ସେତେବେଳେ ସେ କହିଲେ ମୁଁ ତ କୌଣସି ଦାବି କରିନାହିଁ ! କେହିଜଣେ ମିଛ ରିପୋର୍ଟ ଲେଖେଇ ଦେଇଥିବ । ସୁତରାଂ ସମ୍ପର୍କୀୟମାନେ ହିଁ ଅଧିକ ବିରୋଧୀ ହୋଇଥାନ୍ତି''

**(ଉଦ୍ଧୃତ ଖୁତ୍‌ବାତେ ମହେମୁଦ୍, ଖଣ୍ଡ-୩, ପୃଷ୍ଠା-୩୮-୩୯)**

ଆପଣ କହୁଛନ୍ତି ସମ୍ପର୍କୀୟମାନେ ବିଶେଷ କରି ଯେତେବେଳେ ବିରୋଧି ହୋଇଯାନ୍ତି ସେତେବେଳେ ବହୁତ ବିରୋଧ କରିଥାନ୍ତି । ଏଥିଯୋଗୁଁ ପ୍ରତ୍ୟେକ ଉଚିତ୍ ଓ ଅନୁଚିତ୍ ମାର୍ଗ ଦ୍ୱାରା କ୍ଷତି ପହଂଚାଇବା ପାଇଁ ଚେଷ୍ଟା କରିଥାନ୍ତି । ଏହାର ଆଲୋଚନା କରି ଆପଣ କହୁଛନ୍ତି ଆମର ଏପରି ବହୁତ ସମ୍ପର୍କୀୟ ଅଛନ୍ତି ଯେଉଁମାନେ ଅହେମଦୀୟତ୍ ପାଇଁ ଆମଠାରୁ କଟି ଯାଇଛନ୍ତି । ଏଥିପାଇଁ ନୁହେଁ ଯେ ଆମ ତାଙ୍କ ପାଇଁ ମିଶିବାକୁ ଚାହୁଁନଥିଲୁ ବରଂ ଏଥିପାଇଁ ଯେ ସେମାନେ ମିଶିବା ପାଇଁ ଚାହାଁନ୍ତି ନାହିଁ । ଆମକୁ ଆମର କୁଟୁମ୍ବର ଲୋକମାନଙ୍କ ଠାରୁ ଗାଳି ଶୁଣିବାକୁ ମିଳୁଥିଲା । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ କହୁଛନ୍ତି ଆମର ବଡ଼ ମା ଯିଏ ପରେ ଅହେମଦୀ ହୋଇଥିଲେ ସେ ଆମକୁ ବହୁତ ଗାଳି ଗୁଲଜ କରନ୍ତି । ଆପଣ କହୁଛନ୍ତି ଯେ ମୋର ମନେଅଛି ଥରେ ଯେତେବେଳେ ବୟସ ୬ ରୁ ୭ ବର୍ଷ ହୋଇଥିଲା ମୁଁ ପାହାଚ ଉପରେ ଚଢୁଥିଲି ସେତେବେଳେ ସେ ମୋତେ ଦେଖେଇକରି ବାରମ୍ବାର ଏହା କହିବା ଆରମ୍ଭ କଲେ ''ଯେ ହୁ ଯିଆ କାଁ ଅହୋ ଜିଇକୁକୁ'' । ଏହି ବାକ୍ୟକୁ ସେ ଏତେଥର କହିଲେ ଯେ ମୋର ମନେ ରହିଗଲା । ମୁଁ ଘରେ ଯାଇ ତାହା କହିଲି । ଏହାର ଅର୍ଥ କ'ଣ ବୋଲି ପଚରିବାରୁ ସେମାନେ କହିଲେ ଯେ ଯେମିତି ତୋର ବାପା ଖରାପ ବ୍ୟକ୍ତି ସେପରି ପୁଅ ମଧ୍ୟ ଖରାପ । ଆପଣ କହୁଛନ୍ତି କାଦିୟାନ୍‌ରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ବାଇକାଟ୍ କରାଗଲା । ଲୋକମାନଙ୍କୁ ଆପଣଙ୍କ ଘରେ କାମ କରିବା ପାଇଁ ରୋକାଗଲା । କୁମ୍ଭାରଙ୍କୁ ରୋକାଗଲା, ଝାଡୁଦାରଙ୍କୁ ମଧ୍ୟ ସଫେଇ କାର୍ଯ୍ୟରୁ ରୋକାଗଲା । ଆମର ଅତି ସ୍ନେହର ଭାଇ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କର ଭାଉଜ ଓ ଅନ୍ୟାନ୍ୟ ସ୍ନେହୀ ବନ୍ଧୁବାନ୍ଧବ ମଧ୍ୟ ଏପରିକି ଆପଣଙ୍କ ମାମୁଁ ପୁଅ ଭାଇ ଅଲୀ ଶେରିଆ ସମସ୍ତେ ଭିନ୍ନ ଭିନ୍ନ ପ୍ରକାରର ଦୁଃଖ କଷ୍ଟ ଦେଉଥିଲେ । କହୁଛନ୍ତି ଥରେ ଗୁଜୁରାତ୍‌ର ଗୋଟିଏ ଜାଗାରୁ କିଛି ଲୋକେ, ସେମାନେ ସାତଭାଇ କାଦିଆନ୍ ଆସିଥିଲେ ଏବଂ ବଗିଚା ଆଡ଼େ ଏଇଥିପାଇଁ ଯାଇଥିଲେ କେ ତାହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଥିଲା ଅର୍ଥାତ୍ – ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବଗିଚା ଦେଖିବା ପାଇଁ ଗଲେ । ଆପଣ କହୁଛନ୍ତି କି ରାସ୍ତାରେ ଆମର ଜଣେ ସମ୍ପର୍କୀୟ ଫୁଲ ଗଛ ଲଗାଉଥିଲେ । ସେମାନେ ତାଙ୍କୁ ପଚରିଲେ କି ତୁମେ କେଉଁଠାରୁ ଆସିଅଛ ଏବଂ କାହିଁକି ଆସିଅଛ ? ତେବେ ଏ ଅତିଥିମାନେ ଯେଉଁମାନେ ଗୁଜୁରାତ୍‌ରୁ ଆସିଥିଲେ କହିଲେ କି ଆମେ ଗୁଜୁରାତ୍‌ରୁ ଆସିଛୁ ଏବଂ ମିର୍ଜା ସାହେବଙ୍କ ନିମନ୍ତେ ଆସିଛୁ । ସେ କହିଲେ ଦେଖ ମୁଁ ତାଙ୍କର ମାମୁଁ ପୁଅ ଭାଇ ଏବଂ ମୁଁ ଖୁବ୍ ଜାଣିଛି ସେ ଏପରି ଓ ଏହିପରି ଅଟନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଯିଏ ସମସ୍ତଙ୍କଠାରୁ ଆଗରେ ଥିଲା ତାଙ୍କୁ ଧରି ପକାଇଲା ଏବଂ ନିଜ ଭାଇମାନଙ୍କୁ ଶିଘ୍ର ଶିଘ୍ର ଆସିବା ପାଇଁ ଡ଼ାକିଲା । ଫଳତଃ ସେ ଘାବରେଇ ଗଲେ । ତେବେ ଯାଇ ସେ ଅହେମଦୀଜଣଙ୍କ କହିଲେ ମୁଁ ତୁମକୁ ମାରୁନାହିଁ କାରଣ ତୁମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମ୍ପର୍କୀୟ ଅଟ । ମୁଁ ମୋ ଭାଇମାନଙ୍କୁ ତୁମର ଚେହେରା ଦେଖାଇବା ପାଇଁ ଚାହୁଁଛି କାରଣ ଆମେ ଶୁଣିଥିଲୁ ଯେ ସଇତାନ୍ ଦେଖାଯାଆନ୍ତି ନାହିଁ । କିନ୍ତୁ ଆଜି ଆମେ ଦେଖିନେଲୁ ଯେ ସଇତାନ୍ ଏପରି ଅଟନ୍ତି ।

**(ଉଦ୍ଧୃତ ଦୈନିକ ଅଲ୍‌ଫଜଲ୍, ୪ ଡ଼ିସେମ୍ବର ୧୯୩୫, ଖଣ୍ଡ-୨୩, ସଂଖ୍ୟା-୧୩୨, ପୃଷ୍ଠା-୩-୪)**

ହଜୁର ଅନଓ୍ୱର ଅ.ବ ହଜରତ ମସିହ ମଉଦ ଆ.ସଙ୍କ ସହ ଆପଣଙ୍କ ସମ୍ପର୍କୀୟମାନେ ଯେଉଁ ବିରୁଦ୍ଧାଚରଣ କରିଥିଲେ ତାହାର ଚର୍ଚ୍ଚା କରି କହିଲେ । ହଜରତ ମସିହ ମଉଦ ଆ.ସଙ୍କୁ ଦୈବବାଣୀ ଯୋଗେ ଅବଗତ କରାଯାଇଥିଲା କି ତୁମକୁ ବାଦ ଦେଇ ତୁମ ବଂଶଧରଙ୍କ ମଧ୍ୟରୁ କାହାରି ମଧ୍ୟ ଆସନ୍ତା ପିଢୀ ଆଗକୁ ଚାଲିବ ନାହିଁ । ବିରୁଦ୍ଧାଚରଣ ହେବ କିନ୍ତୁ କେବଳ ତୁମର ବଂଶ ଆଗକୁ ବଢିବ ବାକି ସମସ୍ତ(ସମ୍ପର୍କୟ)ଙ୍କ ସନ୍ତାନ ନିପାତ ହୋଇଯିବେ । ସୁତରାଂ ଏହା ବାସ୍ତବରେ ହିଁ ଘଟିଲା । ବର୍ତମାନ ଆପଣଙ୍କ ବଂଶଧର ମଧ୍ୟରୁ କେବଳ ସେହିମାନେ ଜୀବିତ ଅଛନ୍ତି ଯେ ଆପଣଙ୍କ ଜମାଅତର ଅନ୍ତର୍ଭୁକ୍ତ ହୋଇଗଲେ । ଯେତେବେଳେ ହଜୁର ଆ.ସ ଏହି ଘୋଷଣା କରିଥିଲେ ସେତେବେଳେ ଆପଣଙ୍କ ବଂଶରେ ୭୦ଜଣ ପୁରୁଷ ଥିଲେ । କିନ୍ତୁ ବର୍ତମାନ କେବଳ ହଜୁର ଆ.ସଙ୍କ ଶାରୀରିକ ଓ ଆଧାତ୍ମିକ ସନ୍ତାନମାନଙ୍କୁ ବାଦ ଦେଲେ ଉକ୍ତ ୭୦ଜଣଙ୍କ ମଧ୍ୟରୁ କୌଣସି ଜଣକର ଗୋଟିଏ ହେଲେ ସନ୍ତାନ ଜୀବିତ ନାହାନ୍ତି । ଯେତେବେଳେ କି ସେମାନେ ଆପଣଙ୍କୁ ନିପାତ କରିବା ପାଇଁ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ବିନିଯୋଗ କରିଦେଇଥିଲେ । କିନ୍ତୁ ପରିଣାମ କଣ ହେଲା । ସେମାନେ ସ୍ୱୟଂ ନିପାତ ହୋଇଗଲେ ଓ ସେମାନଙ୍କ ମଧ୍ୟରୁ କୌଣସି ଜଣ କର ମଧ୍ୟ ସନ୍ତାନ ବାକି ରହିଲେ ନାହିଁ । ଏହା ମଧ୍ୟ ହଜରତ ମସିହ ମଉଦ ଆ.ସଙ୍କ ସତ୍ୟତାର ବୃହତ ନିଦର୍ଶନ ଅଟେ'' ।

**(ଉଦ୍ଧୃତ ଖୁତ୍‌ବାତେ ମହେମୁଦ୍ ଖଣ୍ଡ-୩, ପୃଷ୍ଠା-୩୯)**

ତାପରେ ହଜୁର ଅନଓ୍ୱର ଅ.ବ ତାଇ ସାହେବାଙ୍କ ବୟତ କରିବାର ଚର୍ଚ୍ଚା କରି କହିଲେ । କେତେକ ଭବିଷ୍ୟବାଣୀ ଓ ଚିହ୍ନ ଛୋଟ ହେଲେ ମଧ୍ୟ ତାହାର ଗଭୀର ଅନୁଧ୍ୟାନ କଲେ ସେଥିରୁ ଅନେକ କିଛି ରହସ୍ୟ ଉନ୍ମୋଚିତ ହୋଇଥାଏ । ଯଦ୍ୱାରା ମଣିଷର ବିଶ୍ୱାସ ବହୁଗୁଣିତ ହୋଇଥାଏ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ କହୁଛନ୍ତି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଗୋଟିଏ ଏଲ୍‌ହାମ୍ ଅଛି ଯାହାକୁ ମୁଁ କାଲି ହିଁ ଜାଣିଲି । ଯଦିଚ ତାହା ଜଣେ ଜଣଙ୍କ ସ୍ଥିତି ପ୍ରତି ଅଛି କିନ୍ତୁ ତା ମଧ୍ୟରେ ବହୁତ ଗୁଡିଏ ଭବିଷ୍ୟବାଣୀ ନିହିତ ଅଛି । କେତେକ ସାଥୀ ମତେ କହିଲେ କି ତାଙ୍କୁ ପ୍ରଥମରୁ ଜଣାଥିଲା କିନ୍ତୁ

ପ୍ରକୃତରେ ମତେ କାଲି ହିଁ ଜଣାପଡ଼ିଲା । କାଲି ବଡ଼ ମା ଙ୍କର ମୃତ୍ୟୁ ହେବା ସମୟରେ ଶେଖ ୟାକୁବ୍ ଅଲୀ ସାହେବ କହିଲେ କି ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କର ଗୋଟିଏ ପୁରୁଣ ଏଲ୍ହାମ୍ ଅଛି ''ତାଇ ଆଇ'' । ସେ ହଜ୍ରତ୍ ମୁସ୍ଲେହ୍ ମଉଦ୍ ଆ:ସଙ୍କ ବଡ଼ ମା ଓ ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କ ବଡ଼ ଭାଇଙ୍କ ପତ୍ନୀ ଥିଲେ । ଏହି ବିଷୟରେ ପୁରୁଣା ଅହେମଦୀମାନେ କହୁଛନ୍ତି କି ସେ ସମୟରେ ଏହାର ଅର୍ଥ ବୁଝା ପଡୁନଥିଲା । କିନ୍ତୁ ଗୋଟିଏ ସିଧାସାଧା ଅର୍ଥ ଏହାର ଇଏ ହୋଇପାରିବ କି ଏପରି ଜଣେ ସ୍ତ୍ରୀ ଲୋକ ଯିଏ ବଡ଼ ମା ରୂପେ ବିବେଚିତ ହେଉଥିବେ ସେ ଆସିବେ । ଆସିବାର ଦୁଇଟି ଅର୍ଥ ହୋଇପାରିବ । ପାଖକୁ ଆସିବା ବା ଯମାତ୍ରେ ସାମିଲ୍ ହେବା । ଖାଲି ଆସିବା ଭବିଷ୍ୟବାଣୀ ହୋଇପାରିବା ନାହିଁ କାରଣ ସମ୍ପର୍କୀୟମାନେ ତ ଆସନ୍ତି । ଆମର ଏଠାରେ ସବୁ ବଡ଼ ଲୋକମାନେ ମଧ୍ୟ ହଜ୍ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଭାଉଜଙ୍କୁ 'ତାଇ' ବୋଲି ଡାକୁଥିଲେ । ସୁତରାଂ ତାଙ୍କ ନାଁ 'ତାଇ' ବୋଲି ହୋଇଯାଇଥିଲା । ସିଲ୍ସିଲାର ପୁସ୍ତକ ପଢୁଥିବା ବ୍ୟକ୍ତି ଜାଣନ୍ତି ଯେ ମହମ୍ମଦି ବେଗମ୍ଙ୍କ ପେଶ୍ଗୋଇ ସମୟରେ ସେ ବହୁତ ବଡ଼ ବିରୋଧୀ ଥିଲେ (ଅର୍ଥାତ୍ ଏ 'ତାଇ' ବହୁତ ବିରୋଧୀ ଥିଲେ) । ଯେହେତୁ ସେ କୁଟୁମ୍ବର ବଡ଼ବୋହୁ ଥିଲେ ଏବଂ ପେଶ୍ଗୋଇ ମଧ୍ୟ ତାଙ୍କ ଭଉଣୀର ଝିଅ ଉପରେ ନିହିତ ଥିଲା ସେଥିଯୋଗୁଁ କୁଟୁମ୍ବର ଲିଡ଼ର୍ ହିସାବରେ ସେ ସମୟରେ ସେ ସମ୍ପର୍କୀୟଙ୍କ ମଧ୍ୟରେ ବାଡ଼ ପକାଇବା ବେଇଜତି ବୋଲି ବିବେଚନା କରୁଥିଲେ । ତେଣୁ ନିଜ ଉପରେ ଏହା ଧାର୍ଯ୍ୟ କରିଥିଲେ ଯେ ସେ ତାଙ୍କର ମୁକାବିଲା କରିବେ । ହଜ୍ରତ୍ ମୁସ୍ଲେହ୍ ମଉଦ୍ କହୁଛନ୍ତି କି ସ୍ତ୍ରୀ ମାନଙ୍କର ପ୍ରକୃତିରେ ବୟସ୍କ ମହିଳା ପ୍ରତି ସମ୍ମାନ ଏବଂ କୁଟୁମ୍ବୀୟ ଭଦ୍ରାମୀକୁ ସମସ୍ତ ଧର୍ମୀୟ କାର୍ଯ୍ୟ ଏବଂ ସମସ୍ତ ରାଜନୈତିକ କାର୍ଯ୍ୟ ଓ ଅନ୍ୟାନ୍ୟ ଅବସ୍ଥାଠାରୁ ଅଧିକ ଜରୁରୀ ଜାଣୁଥିଲେ । ସେ ସମୟରେ ହଜ୍ରତ୍ ମସିହ୍ ମଉଦ୍ ଆ:ସ ଙ୍କର ଦାବି 'ତାଇ' ଙ୍କ ନିକଟରେ ଏତେ ଜରୁରୀ ନଥିଲା ଯେତେ ନିଜ ଖାନ୍ଦାନ୍ର ସମ୍ମାନ ଜରୁରୀ ଥିଲା ।...........ହଜ୍ରତ୍ ମସିହ୍ ମଉଦ୍ ଆ:ସ ଯେହେତୁ ଜମି ବାଡ଼ିର ଭାଗ ନେଇ ନଥିଲେ ତେଣୁ ଆପଣଙ୍କର ଖାଦ୍ୟ ଓଗେର 'ତାଇ' ଙ୍କ ଘରୁ ଆସୁଥିଲା । ତେଣୁ ସେ ମଧ୍ୟ ନିଜକୁ ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କର ମୋହ୍ସିନା (ଦୟାଳୁ) ରୂପେ ଭାବୁଥିଲେ । ସ୍ତ୍ରୀ ମାନଙ୍କର ଏହି ଗୁଣଟି ପ୍ରାକୃତିକ ଅବସ୍ଥାରେ ଥାଏ ତେଣୁ ସେ ହଜ୍ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ନିଜ ହାତ ତଳର ଲୋକ ରୂପେ ବିବେଚନା କରୁଥିଲେ । ହଜ୍ରତ୍ ମସିହ୍ ମଉଦ୍ ଆ:ସ ନିଜର ଗୋଟିଏ ଆରବୀ ପଦ୍ୟ ରେ କହୁଛନ୍ତି କି :-

***ଲୁଫାଜାତୁଲ୍ ମୱାଇଦି କାନା ଉକୁଲି       ୱସିର୍ତୁଲ୍ ଯୋମା ମିତ୍ଆମଲ୍ ଆହାଲି***

ଅର୍ଥାତ୍ :- ଗୋଟିଏ ସମୟ ଥିଲା ଯେତେବେଳେ ମୁଁ ଅନ୍ୟର ଟୁକୁଡ଼ା ଖାଦ୍ୟ ଖାଇ ସମୟ ଅତିବାହିତ କରୁଥିଲି । କିନ୍ତୁ ଏବେ ଅଲ୍ଲାଃତାଲା ମତେ ଏପରି ସମ୍ମାନ ଦେଇଛନ୍ତି ଯେ ହଜାର ହଜାର୍ ଲୋକ ମୋ ରୋଷେଇଁ ଶାଳରୁ ତୃପ୍ତି ପାଉଛନ୍ତି । ଏହି ପଦ୍ୟରେ ସେହି ଘଟଣା ପ୍ରତି ଇଙ୍ଗିତ ଅଛି ଯେ ହଜ୍ରତ୍ ଙ୍କ ଜମିବାଡ଼ି ଅଲଗା ହୋଇନଥିଲା, ଭାଇଙ୍କ ପାଖରେ ଥିଲା ଏବଂ ଆପଣଙ୍କ ନିକଟରେ ତାକୁ ସମ୍ଭାଳିବାର ଶକ୍ତି ନଥିଲା, ତେଣୁ ଆପଣଙ୍କର ବାପା ମଧ୍ୟ କହୁଥିଲେ କି ଇଏ ଜମିବାଡ଼ି ସମ୍ଭାଳି ପାରିବା ନାହିଁ । ତେଣୁ ଏହି ଅବସ୍ଥାରେ 'ତାଇ' ସାହେବାଙ୍କର ଇମାନ୍ ଆଣିବା କଷ୍ଟକର ବ୍ୟାପାର ଥିଲା । (ସେ ପରେ ଇମାନ୍ ନେଇ ଆଣିଥିଲେ) । ହଜ୍ରତ୍ ମୁସ୍ଲେହ୍ ମଉଦ୍ କହୁଛନ୍ତି ଯେ କୌଣସି ଦଲିଲ୍ ଓ ଧର୍ମୀୟ ଦୃଷ୍ଟି କୋଣରୁ ନୁହେଁ ବରଂ ଖାନ୍ଦାନୀ ଦୃଷ୍ଟି କୋଣରୁ (ଉକ୍ତ ସବୁ ବ୍ୟାକ୍ ଗ୍ରାଉଣ୍ଡ୍ ଯାହା ମୁଁ ବର୍ଣ୍ଣନା କଲି) କାରଣ ତାଙ୍କ ନିକଟରେ ଦୁଇଜଣଙ୍କର ସ୍ଥିତି ସାହୁ ଏବଂ ଋକର ରୂପେ ଥିଲା । (ଅର୍ଥାତ୍ ତାଇ ନିଜକୁ ମାଲିକ ଓ ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କୁ ନଉକୁ ବିଲ୍ଲାଃ ଋକର ବୋଲି ଭାବୁଥିଲେ) । ସେ ଆପଣଙ୍କୁ ଜଣେ ଗରିବ ଲୋକ ବୋଲି ଭାବୁଥିଲେ ଯିଏ କାମଧନ୍ଦା କିଛି କରୁନଥିଲେ ଏବଂ ତାଙ୍କ ଟୁକୁଡ଼ା ଖାଦ୍ୟରେ ବଂଚୁଥିଲେ । ଏହି ପରିସ୍ଥିତିରେ ସେ କଦାପି ଗ୍ରହଣ କରି ପାରିନଥାନ୍ତେ ଯେ ଆପଣ ତାଙ୍କ ଭଉଣୀର ଝିଅଙ୍କ ସହିତ ନିକାହା କରି ସଫଳ ହୋଇଯାଆନ୍ତୁ । ଯେହେତୁ ସେ ସମସ୍ତଙ୍କଠାରୁ ବଡ଼ ଥିଲେ ତେଣୁ ତଦାନୁଯାୟୀ ବିରୋଧୀ ମଧ୍ୟ ଥିଲେ ।.......ହଜରତ ମସିହ ମଉଦ ଆ.ସଙ୍କୁ ଐଶ୍ୱରିକବାଣୀ ହୋଇଥିଲା **ତାଇ ଆଇ** ସେ ହଜରତ ମୁସଲେହ ମଉଦ ଆ.ସଙ୍କ ବଡ଼ ମା ଓ ହଜରତ ମସିହ ମଉଦ ଆ.ସଙ୍କ ବଡ଼ ଭାଇଙ୍କ ପତ୍ନୀ ଥିଲେ । ଉକ୍ତ ପଦ୍ୟର ଅର୍ଥ ଏହା ଥିଲା କି ସେ ସେତେବେଳେ ବୟତ କରିବେ ଯେତେବେଳେ ବୟତ ଗ୍ରହଣକାରୀ ସମ୍ପର୍କରେ ତାଙ୍କର ବଡ଼ ମା ହେଉଥିବେ । ଯଦି ସେ ହଜରତ ମସିହ ମଉଦ ଆ.ସଙ୍କ ହାତରେ ବୟତ କରିଥାନ୍ତେ ତେବେ ଭବିଷ୍ୟବାଣୀର ଶବ୍ଦରେ **ଭାଉଜ** ଆସିବାର ଥିଲା । ଯଦି ପ୍ରଥମ ଖଲିଫାଙ୍କ ହାତରେ ବୟତ କରିଥାନ୍ତେ ତେବେ ଭବିଷ୍ୟବାଣୀର ଶବ୍ଦରେ **ହଜରତ ମସିହ ମଉଦ ଆ.ସଙ୍କ ବଂଶର ଜଣେ ମହିଳା ଆସିଲେ,** ରହିବାର ଥିଲା । କିନ୍ତୁ ତାଇ ଶବ୍ଦ ପ୍ରକାଶ କରୁଅଛି ଯେ ହଜରତ ମସିହ ମଉଦ ଆ.ସଙ୍କ ପୁତ୍ର ଯେ କି ଆପଣଙ୍କ ଖଲିଫା ହେବ ତାଙ୍କ ହାତରେ ବୟତ କରିବେ । ଯଦି ଆପଣଙ୍କ ସନ୍ତାନ ମଧ୍ୟରୁ କେହି ଖଲିଫା ହେବାର ନଥିଲା ତେବେ ଭବିଷ୍ୟବାଣୀରେ ତାଇ ଶବ୍ଦ ଆସିବା ନିରର୍ଥକ ଥିଲା । ଆପଣ କୁହନ୍ତି ଏହି ଐଶ୍ୱରିକବଣୀରେ ତିନୋଟି ଭବିଷ୍ୟବାଣୀ ରହିଥିଲା । **ପ୍ରଥମ** ହଜରତ ମସିହ ମଉଦ ଆ.ସଙ୍କ ସନ୍ତାନମାନଙ୍କ ମଧ୍ୟରୁ ଖଲିଫା ହେବ । **ଦ୍ୱିତୀୟରେ** ତାଇ ବୟତ କରି ଜମାଅତର ଅନ୍ତର୍ଭୁକ୍ତ ହେବେ । **ତୃତୀୟରେ** ତାଇ ସାହେବା ଦୀର୍ଘ ଜିବୀ ହେବେ । ଦେଖ ଏହି ଭବିଷ୍ୟବାଣୀ ହଜୁର ଆ.ସ ସେତେବେଳେ କରିଛନ୍ତି ଯେତେବେଳେ ହଜୁର ଆ.ସଙ୍କ ବୟସ ୭୦ବର୍ଷ ପାଖାପାଖି ଥିଲା । ଏପରି ସମୟରେ ନିଜ ଠାରୁ ବୟସରେ ବଡ଼ ମହିଳାଙ୍କ ସମ୍ବନ୍ଧରେ ଭବିଷ୍ୟବାଣୀ କରିବା କିଭଳି ଅସମ୍ଭବ କଥା କି ସେ ଜୀବିତ ରହିବେ ଏବଂ ଆପଣଙ୍କ ସନ୍ତାନ ଖଲିଫା ହେବେ ଓ ତାଙ୍କ ହାତରେ ଉକ୍ତ ମହିଳା ବୟତ କରିବେ । ଏପରି ଦୀର୍ଘାୟୁ ଲାଭ କରିବା କୌଣସି ସାଧାରଣ କଥା ନୁହେଁ । ଦେଖ ମଣିଷର ବୁଦ୍ଧି ଜଣେ ଯୁବାବସ୍ଥାରେ ଥିବା ବ୍ୟକ୍ତି ସମ୍ବନ୍ଧରେ ମଧ୍ୟ କହିପାରିବ ନାହିଁ ଯେ, ସେ ଅମକ ସମୟ ପର୍ଯ୍ୟନ୍ତ ଜୀବିତ ରହିବେ । ତେବେ ଚିନ୍ତା କର ଜଣେ ବୃଦ୍ଧ ମହିଳା ସମ୍ବନ୍ଧରେ କହିବା କିଭଳି କଷ୍ଟସାଧ ଅଟେ । ଉକ୍ତ ତାଇଙ୍କର ଦେହାନ୍ତ ସମ୍ଭବତଃ ୧୯୨୭ମସିହାରେ ହୋଇଥିଲା । ସୁତରାଂ ଏହା ମଧ୍ୟ ଏକ ବଡ଼ ନିଦର୍ଶନ ଥିଲା । ଦେଖ ଦ୍ୱିତୀୟ ଖଲିଫାଙ୍କ ହାତରେ ବୟତ କରିବା ଏବଂ ହଜୁରଙ୍କ ସନ୍ତାନମାନଙ୍କ ମଧ୍ୟରୁ ଖଲିଫା ହେବ ଏହାର ଭବିଷ୍ୟବାଣୀ ଉକ୍ତ ଦୁଇଟି ଶବ୍ଦରେ ଦର୍ଶାଯାଇଛି । ପୁନଃ ଆପଣ କୁହନ୍ତି- ତାଇ ସାହେବା ଅହେମଦି ହେବା ପରେ ୱସିୟତ ମଧ୍ୟ କରିଥିଲେ । ପ୍ରଥମତଃ ସେ ବିରୋଧୀ ଥିଲେ ଯେ ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କୁ ନିଜର କୁଟୁମ୍ବ କବର୍ ସ୍ଥାନରେ ଦଫନ୍ ନ କରି ଅନ୍ୟ ଜାଗାରେ କରାଯାଉ କାରଣ ଏହା ଗୋଟିଏ ଅପମାନ ଅଟେ ଏବଂ ପରେ ବହୁବର୍ଷ ପର୍ଯ୍ୟନ୍ତ ସେ ଏହାର ବିରୋଧ କରୁଥିଲେ କିନ୍ତୁ ପୁଣି ତାଙ୍କର ଏପରି ଅବସ୍ଥା ହୋଇଗଲା ଯେ ନିଜେ ୱସିୟତ୍ କଲେ ଏବଂ ବେହେସ୍ତି ମକ୍ବାରାରେ ଦଫନ୍ ହେଲେ । ଜଣେ ବୁଝିବା ଲୋକ ପାଇଁ ଏହା ଗୋଟିଏ ବଡ଼ ନିଦର୍ଶନ ଅଟେ । ଏହା ଗୋଟିଏ ସାଧାରଣ କଥା ଲାଗୁଥାଇପାରେ ଯାହା ଗୋଟିଏ ଲୋକପାଇଁ ଅଛି କିନ୍ତୁ ସେଥିରେ ସତ୍ୟତାର ପ୍ରମାଣ ପାଇଁ ଗୋଟିଏ ବିଷୟ ଅଛି ।

**(ଉଦ୍ଧୃତ ଖୁତ୍ବାତେ ମହେମୁଦ୍ ଖଣ୍ଡ-୧୧, ପୃଷ୍ଠା-୨୫୧-୨୫୩)**

ଏବଂ ତାଙ୍କ ଦେହାନ୍ତ ପରେ ବେହଶତି ମକ୍ବରାରେ ତାଙ୍କ ଅନ୍ତିମ କ୍ରିୟାକର୍ମ ମଧ୍ୟ ସମ୍ପାଦନ କରାଯାଇଥିଲା । ହଜରତ ମୁସଲେହ ମଉଦ ର.ଆ ହଜରତ ମସିହ ମଉଦ ଆ.ସଙ୍କ ଦିଲ୍ଲୀ ଗସ୍ତ ସମୟର ଗୋଟିଏ ଛୋଟ ଘଟଣା ଚର୍ଚ୍ଚା କରି କୁହନ୍ତି କି ''ମନୁଷ୍ୟ ଯିଏ ଅଲ୍ଲାଃଙ୍କ ଉପରେ ଭରଷା ରଖିଥାଏ ସେ କଦାପି ଅଲ୍ଲାଃଙ୍କ କାମରେ ଏହା ଭାବିପାରେ ନାହିଁ ଯେ ଏହାର ଫଳ ବାହାରିବ ନାହିଁ ବୋଲି । ଅଲ୍ଲାଃତାଲାଙ୍କ ଉପରେ ଭରଷା ଅଛି ଏବଂ ନିଶ୍ଚିତ ରୂପେ ଅଛି ଯେ ଅଲ୍ଲାଃତାଲା ଏହାର ସୁଫଳ ଦେବେ । ଆପଣ କହୁଛନ୍ତି କି ସେତେବେଳେ ମୁଁ ବହୁତ ଛୋଟ ଥିଲି । ହଜୁର ଆ.ସ ଦିଲ୍ଲୀ ଆସିଲେ । ଆପଣ ସେଠାକାର ଅୱଲିୟାଉଲ୍ଲାଃ (ଅଲ୍ଲାଃଙ୍କ ବିଶିଷ୍ଟ ସାଥି)ଙ୍କ କବରମାନ ଭ୍ରମଣ କରି ସେଠାରେ ବେଶ୍ ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁଆ କଲେ ଏବଂ କହିଲେ ମୁଁ ଏଥିପାଇଁ ଦୁଆ କରୁଅଛି କି ଏହି ବିଶିଷ୍ଟ ବ୍ୟକ୍ତିମାନଙ୍କ ଆତ୍ମା ଉତେଜିତ ହୋଇଉଠୁଛି ଯେମିତି ଏପରି ନହେଉ କି ଉକ୍ତ ମୃତକମାନଙ୍କ ସନ୍ତାନମାନେ ଏହି ଆଧ୍ୟାତ୍ମିକ ପ୍ରକାଶକୁ ଚିହ୍ନିବାରୁ ବଂଚିତ ରହିଯାଆନ୍ତୁ । ଅଲ୍ଲାଃ ଯାହାକୁ ସେମାନଙ୍କ ମାର୍ଗ ଦର୍ଶନ ନିମନ୍ତେ ଏହି ଯୁଗରେ ପ୍ରେରିଣ କରିଛନ୍ତି । ଆପଣ ସ୍ୱୟଂ କୁହନ୍ତି ଦିନ ଆସିବ ଯେତେବେଳେ ଅଲ୍ଲାଃତାଲା ସେମାନଙ୍କ ହୃଦୟ ଉନ୍ମୁକ୍ତ କରିଦେବେ ଏବଂ ସେମାନେ ସତ୍ୟକୁ ସ୍ୱୀକାର କରିନେବେ । ହଜୁର କୁହନ୍ତି ଯଦିଓ ତାହା ମୋ ବାଲ୍ୟାବସ୍ଥାର ଘଟଣା କିନ୍ତୁ ତାହାର ପ୍ରଭାବ ବର୍ତମାନ ସୁଧା ମୋ ହୃଦୟରେ ରହିଛି । ସୁତରାଂ ଏଠିକାର ଯମାତ୍ ଯଦି ନିଜର ଚେଷ୍ଟାର ସୁଫଳ ଦେଖିବାକୁ ଋହୁଁଥାନ୍ତି ତେବେ ସେମାନେ ଅଲ୍ଲାଃଙ୍କ ଉପରେ ଭରଷା ରଖନ୍ତୁ । ନିଶ୍ଚିତ ରୂପେ ଗୋଟିଏ ଦିନ ଏପରି ଆସିବ ଯେ ଯେଉଁ ଜିନିଷକୁ ଅଲ୍ଲାଃ ସ୍ଥାପନ କରିବାକୁ ଋହୁଛନ୍ତି ତାହା ନିଶ୍ଚୟ ସ୍ଥାପନ ହେବ'' । ଆପଣ ଦିଲ୍ଲି ଯମାତ୍କୁ ଆଡ୍ରେସ୍ କରି ଉତରରେ ଏହା କହିଥିଲେ ।

**(ଯମାତ ଅହେମଦୀୟା ଦିଲ୍ଲୀକୁ ଆଡ୍ରେସ୍ର ଉତର-ଅନ୍ୱାରୁଲ୍ ଉଲୁମ୍ ଖଣ୍ଡ-୧୨, ପୃଷ୍ଠା-୮୩-୮୪)**

ହଜୁର ଅନୱର ଅ.ବ କହିଲେ- ସୁତରାଂ ଦିଲ୍ଲୀ ଜମାଅତର କର୍ତବ୍ୟ ଯେ ସେମାନେ ବେଶ୍ ତତ୍ପରତାର ସହ ହଜରତ ମସିହ ମଉଦ ଆ.ସଙ୍କ ସନ୍ଦେଶର ପ୍ରଚାର ଓ ପ୍ରସାର କରିବା ଦିଗରେ ଅଗ୍ରସର ହୁଅନ୍ତୁ । ବର୍ତମାନ ବିଭିନ୍ନ ପ୍ରଦର୍ଶନୀମାନ ମାଧ୍ୟମରେ ତ ପ୍ରଚାର କାର୍ଯ୍ୟ ବେଶ୍ ତିବ୍ରତାର ସହିତ ଚାଲିଛି । କିନ୍ତୁ ତତ୍ ସହିତ ଦୁଆ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ହଜରତ ମସିହ ମଉଦ ଆ.ସ ଏକଦା ଗୋଟିଏ ଦିବ୍ୟ ସ୍ୱପ୍ନ ଦେଖିଲେ ଯେ ଏକ ଲମ୍ବା ନାଳ ଖୋଳାଯାଇଛି । ତାଉପରେ କିଛି ମେଣ୍ଢାମାନଙ୍କ ଲଟକା ଯାଇଛି ଏବଂ ପ୍ରତ୍ୟେକ ମେଣ୍ଢାକୁ

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.1 Thursday 19 JAN 2017 Issue No. 3

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

ଜବାହ୍ କରିବାକୁ ଜଣେ ଜଣେ କସେଇ ଛୁରୀ ଧରି ଆକାଶ ମାର୍ଗକୁ ଅନାଇ ରହିଛନ୍ତି । ଯେପରି ଏକ ଆଦେଶର ପ୍ରତୀକ୍ଷାରେ ରହିଛନ୍ତି । ହଜରତ ମସିହ ମଉଦ ଆ.ସ କୁହନ୍ତି ମୁଁ ସେହି ସ୍ଥାନରେ ଭ୍ରମଣ କରୁଅଛି ଏବଂ ସେମାନଙ୍କ ନିକଟକୁ ଯାଇ କହୁଅଛି

**କୁଲ ମା ୟାଅବଆବିକୁମ୍ ରବ୍ବି ଲୌଲା ଦୁଆ ଅକୁମ୍ ।**

ସେତେବେଳେ ସେମାନେ (ସେହି ମେଣ୍ଢାମାନଙ୍କ ବେକରେ) ଛୁରୀ ଚଲେଇ ଦେଲେ ଯଦ୍ୱାରା ମେଣ୍ଢାମାନେ ଛଟପଟ ହେବାକୁ ଲାଗିଲେ । ଏଥିରେ ଉକ୍ତ ଛୁରୀ ଚାଳକମାନେ କହିଲେ ତୁମର ମୂଲ୍ୟ ବା କଣ ଅଛି । ତୁମେ ତ ମଳ ଖାଉଥିବା ସାମାନ୍ୟ ମେଣ୍ଢା ଅଟ । ହଜରତ ମୁସଲେହ ମଉଦ ର.ଆ କୁହନ୍ତି ସେହି ସମୟରେ ୭୦ ହଜାର ଲୋକ ହଇଜାରେ ମୃତ୍ୟୁ ବରଣ କରିଥିଲେ । ସୁତରାଂ ଯଦି କେହି ଆମ୍ଭ କଥା ପ୍ରତି ଧ୍ୟାନ ନଦିଅନ୍ତି ତେବେ ଅଲ୍ଲାଃଙ୍କୁ ଏପରି ଲୋକମାନଙ୍କ ଆବଶ୍ୟକତା ବା କଣ ଅଛି । ଅଲ୍ଲାଃଙ୍କ କାର୍ଯ୍ୟ କଦାପି ଅସମ୍ପୂର୍ଣ୍ଣ ରହିନଥାଏ । ହଜୁର କୁହନ୍ତି ହ. ମସିହ ନାସରୀଙ୍କ ୩୦୦ ବର୍ଷ ପରେ ତାଙ୍କ ସମ୍ପ୍ରଦାୟ ଉନ୍ନତି ଲାଭ କରିଥିଲା କିନ୍ତୁ ଆମ ଅବସ୍ଥାକୁ ଦେଖିଲେ ଜଣାଯାଏ ଯେ ହ. ମସି ନାସରୀଙ୍କ ସମୟର ବହୁ ପୂର୍ବରୁ ଇନ୍ନଶା ଅଲ୍ଲାଃ ଅହେମଦିୟତ ଉନ୍ନତି ହାସଲ କରିବ । ପାକିସ୍ତାନର ମୌଲବିମାନେ ହୁଅନ୍ତୁ ଅବା କୌଣସି ଧାର୍ମିକ ମୁଖିଆ ଅବା ସାଂସାରିକ କ୍ଷମାତା ସମ୍ପନ୍ନ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ସେମାନଙ୍କର କୌଣସି ଅସ୍ତିତ୍ୱ ନାହିଁ । ସେମାନେ ସେହି ସାମାନ୍ୟ ମେଣ୍ଢା ପରି ଅଟନ୍ତି । ସେମାନେ କଦାପି ଅହେମଦିୟତର ଉନ୍ନତି ଓ ବିକାଶରେ ପ୍ରତିବନ୍ଧକ ସାଜି ପାରିବେ ନାହିଁ କିନ୍ତୁ ଏଥିପାଇଁ ଆମେ କେବଳ ନିଜ ମୁବଲିଗମାନଙ୍କ ଉପରେ ନିର୍ଭର କରି ପାରିବା ନାହିଁ କି କେବଳ ସେମାନେ ପ୍ରଚାର କରି ଅହେମଦିୟତର ପ୍ରଚାର ଓ ପ୍ରସାର କରିଦେବେ ଏବଂ ଉନ୍ନତିର ଭାଗିଦାର ହେବେ । ବରଂ ଆମ୍ଭକୁ ମଧ୍ୟ ଚେଷ୍ଟା କରିବା ସହିତ ଦୁଆ କରିବା ପ୍ରତି ଧ୍ୟାନ ଦେଇ ନିଜ ଆଧ୍ୟାତ୍ମିକ ସ୍ତର ବୃଦ୍ଧି ପ୍ରତି ଯତ୍ନବାନ ହେବ ଉଚିତ୍ । ଅଲ୍ଲାଃତାଲାଙ୍କ ସହ ସମ୍ପର୍କକୁ ସୁଦୃଢ଼ କରିବାକୁ ହେବ ଏବଂ ଏହା ଅହେମଦିୟତର ବିରୋଧୀମାନଙ୍କୁ ନିପାତ କରିଦେବ । ଏପରି ଆମେ ମଧ୍ୟ ଅହେମଦିୟତର ବିକାଶରେ ଭାଗିଦାର ହୋଇପାରିବା । ଅଲ୍ଲାଃତାଲା ଆମ୍ଭମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ଖୁତାବର ଶେଷରେ ହଜୁର ଅନୱର ଅ.ବ କହିଲେ- ନମାଜ ଜୁମା ପରେ ମୁଁ ଗୋଟିଏ ଜନାଯାଃ ଗାଏବ ମଧ୍ୟ ପାଠ କରିବି ଯାହାକି ଶ୍ରୀମାନ ସେଫନି ଜଫର ଅହେମଦ ସାହେବ ମୁବଲିଗ୍ ଇଣ୍ଡୋନେସିଆଙ୍କର ଅଟେ । ଚଳିତ ମାସ ୮ ତାରିଖ ଦିନ ହୃଦଘାତରେ ସେ ଦେହ ତ୍ୟାଗ କଲେ । ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍ । ତାଙ୍କର ବୟସ ୭୧ ଥିଲା । ୧୮ ଅଗଷ୍ଟ ୧୯୪୫ ରେ ପାଡ଼ାଙ୍ଗ୍ ସୁମାତ୍ରାରେ ସେ ଜନ୍ମ ହୋଇଥିଲେ । ତାଙ୍କର ବାପା ଜିନି ଦେହେଲାନ୍ ସାହେବ ୧୯୨୩ ରେ ହଜ୍ରତ୍ ମୁସ୍ଲେହ୍ ମଉଦ ର:ଅ ଙ୍କ ମୋବାରକ ହାତରେ ବୟତ୍ କରି ଯମାତରେ ସାମିଲ୍ ହୋଇଥିଲେ ଓ ସେ ଆଉ ଦୁଇଜଣ ଯୁବକଙ୍କ ସାଥିରେ ମିଶି ସୁମାତ୍ରା ଓ ଜାଭାରେ ଯମାତ୍ର ତବ୍ଲିଗ୍ ମର୍କସ୍ ସ୍ଥାପନ କଲେ । ଏହିପରି ସେଫନି ସାହେବଙ୍କ ବାପା ଇଣ୍ଡୋନେସିଆର Pioneer ମୋବୋଲିଗ୍ ମାନଙ୍କ ମଧ୍ୟରେ ସାମିଲ୍ ହୋଇଥିଲେ । ଜିନି ଦେହେଲାନ୍ ସାହେବଙ୍କ ତିନିଜଣ ସନ୍ତାନ ଥିଲେ । ତାଙ୍କ ମଧ୍ୟରୁ ସେଫନି ଜଫର୍ ଅହେମଦ ସାହେବଙ୍କୁ ୱକଫ୍ କରିବା ପରେ ତାଙ୍କୁ ଜାମିଆ ଅହେମଦୀୟା ରବୁଆ ରେ ଶିକ୍ଷା ଅର୍ଜନ କରିବା ନିମନ୍ତେ ପଠାଇଲେ । ସେଫନି ଜଫର୍ ଅହେମଦ୍ ସାହେବ ୧୭ ଜୁଲାଇ ୧୯୬୩ ମସିହା ଦିନ ରବୁଆ ଗଲେ । ପାଖାପାଖି ୧୧ ବର୍ଷ ରବୁଆରେ ରହିଲେ । ଜାମିଆ ଅହେମଦୀୟାରେ ଶିକ୍ଷା ଗ୍ରହଣ କଲେ ଏବଂ ୧୯୭୪ ମସିହାରେ ପାଠ ଶେଷ କରି ସେ ଇଣ୍ଡୋନେସିଆ ଫେରିଆସିଲେ । ଯେଉଁଠି ଆପଣଙ୍କର ପ୍ରଥମ ପୋଷ୍ଟିଙ୍ଗ୍ ହେଲା ତାହା ଇଣ୍ଡୋନେସିଆର କଲିମନ୍ତାନ୍ (KALIMANTAN) ଥିଲା । ତା'ପରେ ପଶ୍ଚିମ ଜାଭାର ପ୍ରାନ୍ତୀୟ ମୁବଲିଗ୍ ଏବଂ ପ୍ରାନ୍ତୀୟ ଅମିର୍ ରୂପେ ଖିଦ୍ମତ୍ କରିଆସୁଥିଲେ । ପରେ ପୂର୍ବ ଜାଭା ଓ ପାପୁଆ ରେ ଖିଦ୍ମତ୍ର ମୌକା ମିଳିଲା । ୧୯୮୫ ମସିହାରୁ ୧୯୮୭ ପର୍ଯ୍ୟନ୍ତ (JAMBI) ରେ ଏବଂ ୧୯୮୭ ରୁ ୧୯୯୧ ପର୍ଯ୍ୟନ୍ତ ଉତର ସୁମାତ୍ରାରେ ପ୍ରାନ୍ତୀୟ ମୋବଲିଗ୍ ରୂପେ ସେବା କରିଲେ । ୧୯୯୧- ୧୯୯୭ ପର୍ଯ୍ୟନ୍ତ ଜାମିଆ ଅହେମଦିୟା ଇଣ୍ଡୋନେସିଆରେ ଶିକ୍ଷକ ରୂପେ ନିଜର କର୍ତବ୍ୟ ସମ୍ପାଦନ କରିଥିଲେ (ସେ ଫିକା ବିଷୟ ପଢ଼ାଉଥିଲେ) । ଏହି ସମୟରେ ନୌ ମୁବାଇନ୍ ତର୍ବିୟତ୍ ବିଭାଗର ଇନ୍‌ଚାର୍ଜ ଦାୟିତ୍ୱରେ ମଧ୍ୟ ଥିଲେ । ୧୯୯୭ ମସିହାରୁ ୨୦୦୧ ପର୍ଯ୍ୟନ୍ତ ଲାମ୍ପୁଙ୍ଗ୍ (LAMPUNG) ରେ ପ୍ରାନ୍ତୀୟ ମୋବଲିଗ୍ ରୂପେ ଦାୟିତ୍ୱ ତୁଲାଇଥିଲେ । ଆପଣଙ୍କ ଜରିଆରେ ଇଣ୍ଡୋନେସିଆର ଅନ୍ୟାନ୍ୟ ଇଲାକାରେ ବହୁତ ଗୁଡିଏ ଯମାତ୍ ପ୍ରତିଷ୍ଠା ହୋଇଛି ଏବଂ କେତେଗୁଡିଏ ମସ୍ଜିଦ୍ ଓ ମିଶନ୍ ହାଉସ୍ର ନିର୍ମାଣ ମଧ୍ୟ କରାଯାଇଛି । ଆପଣଙ୍କୁ ଇଣ୍ଡୋନେସିଆ ଭାଷାରେ ନିମ୍ନରେ ଥିବା ଚାରୋଟି କିତାବ ଲେଖିବା ପାଇଁ ସୁଯୋଗ ମିଳିଛି । (ଫଲ୍ସଫାଏ ଜକାତ୍, ଖୁଦାତାଲା କି ରାହ୍‌ମେ କୁର୍ବାନୀ, ଯନାଜାଃ ଓ ଇସ୍ଲାମ୍ ମେ ଯିହାଦ୍ କି ମାନୀ । ଏହି ଚାରୋଟି ପୁସ୍ତକ ଆପଣ ଲେଖିଛନ୍ତି । ୨୦୦୧ ମସିହାରେ ଆପଣ ଅବସର ନେଲେ । କିଛି ଦିନ ହେବ ଆପଣ କେତେକ ରୋଗରେ ପିଡ଼ୀତ ଥିଲେ ଖିଲାଫତ୍ ସହିତ ଆପଣଙ୍କର ଗଭୀର ପ୍ରେମ ଓ ସ୍ନେହର ସମ୍ପର୍କ ଥିଲା ଏବଂ ଗଭୀର ଆଜ୍ଞାବହତାର ସମ୍ପର୍କ ଥିଲା । ବହୁତ ନୈଷ୍ଠିକ (ମୁଖ୍‌ଲିସ୍ ଓ ଫିଦାଇ ଖାଦି ମେ ସିଲ୍ସିଲା ଥିଲେ) । ତାଙ୍କ ପଛରେ ତାଙ୍କ ସ୍ତ୍ରୀ ଙ୍କ ବ୍ୟତୀତ ଗୋଟିଏ ଝିଅ ଏବଂ ଦୁଇଜଣ ପୁଅ ଅଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ଅହେମଦୀୟତ୍ ଉପରେ ଅବସ୍ଥାପନ କରାନ୍ତୁ । ତାଙ୍କ ବାପା ଙ୍କ ପରି ପୁଣ୍ୟରେ ଆଗକୁ ବଢ଼ିବା ଓ ପ୍ରେମର ପ୍ରକାଶ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଓ ଜଣେ କାର୍ଯ୍ୟରତ ଅହେମଦୀ ଭାବେ ଗଢ଼ି ତୋଳନ୍ତୁ ।

## ୱାକିଫିନ୍-ଏ-ନୌ ଏବଂ ତାଙ୍କ ପିତାମାତାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍ନା ହଜୁର୍ ଅନୁୱର୍ ଅ:ବ ବିଭିନ୍ନ ଅବସରରେ ୱାକିଫିନ୍-ଏ-ନୌ ଙ୍କୁ ଜାମିଆ ଅହେମଦୀୟାରେ ପ୍ରବେଶ ନେଇ ଦୀନି ଶିକ୍ଷା ହାସଲ କରି ଜମାତ୍ର ସେବାରେ ନିୟୋଜିତ ହେବା ପାଇଁ ପ୍ରବର୍ତାଉଛନ୍ତି । ସୟଦ୍ନା ହଜୁର ଅନୱରଙ୍କର ନିର୍ଦ୍ଦେଶ ଯେ- ''ଅଧିକରୁ ଅଧିକ ପିଲାମାନଙ୍କ ମନରେ ଏକଥା ରଖାଯାଉ ଯେ, ତୁମ ଜୀବନର ଉଦ୍ଦେଶ୍ୟ ଧାର୍ମିକ ଶିକ୍ଷା ହାସଲ କରିବା । ଏ ଯେଉଁ ୱାକିଫିନ୍-ଏ-ନୌ ର ପିଲାମାନେ, ଏମାନଙ୍କ ମସ୍ତିଷ୍କରେ ଏକଥା ପୁରାଇବା ଆବଶ୍ୟକ ଯେ ଧର୍ମୀୟ ଶିକ୍ଷା ପାଇଁ ଜମାତ୍ର ଯେଉଁ ଧାର୍ମିକ ଅନୁଷ୍ଠାନ ଅଛି ସେଥିରେ ନାମ ଲେଖାଇବା ଜରୁରୀ ଅଟେ । ଜାମେଆ ଅହମଦିୟାରେ ନାମ ଲେଖାଇବା ରେ ୱାକିଫିନ୍-ଏ-ନୌ ମାନଙ୍କ ସଂଖ୍ୟା ଅଧିକ ହେବା ଉଚିତ୍ । (ଖୁତ୍ବା ଜୁମା - ୧୮ ଜାନୁଆରୀ ୨୦୧୩)

ତେଣୁ କରି ସମସ୍ତ ୱାକିଫିନ୍-ଏ-ନୌ ପିଲାମାନଙ୍କର ଏହା କର୍ତବ୍ୟ ଯେ, ଦଶମ ଶ୍ରେଣୀ (୧୦ମ) ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କଲାପରେ ଆଗକୁ ଅଧିକ ଶିକ୍ଷା ହାସଲ କରିବା ପାଇଁ ୱାକ୍ଫ୍-ଏ-ନୌ କାର୍ଯ୍ୟାଳୟ ଭାରତଙ୍କ ସହ ସଂପର୍କ କରନ୍ତୁ । ନିୟମାନୁଯାୟୀ ନ୍ୟାସ୍ନାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍ଫ୍-ଏ-ନୌ ଭାରତଙ୍କ ଅନୁମତି ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଶିକ୍ଷା ଗ୍ରହଣ କରନ୍ତୁ । ତେଣୁ ଭାରତର ସମସ୍ତ ୱାକିଫିନ୍-ଏ-ନୌ ଯେଉଁମାନେ ଚଳିତ ବର୍ଷ ୧୦ମ ବା +୨ ଅଥବା ଗ୍ରାଜୁଏସନ୍ର ଶେଷ ବର୍ଷରେ ଶିକ୍ଷା ଗ୍ରହଣ କରୁଛନ୍ତି ସେମାନେ ତାଙ୍କ ଭବିଷ୍ୟତ ଶିକ୍ଷା ପାଇଁ ଶିଘ୍ର ଓକ୍ଫ୍-ଏ-ନୌ କାର୍ଯ୍ୟାଳୟ ଭାରତ (ନଜାରତ୍ ତାଲିମ୍) ଙ୍କ ସହିତ ସମ୍ପର୍କ କରନ୍ତୁ । ଯଦ୍ୱାରା ୱାକିଫିନ୍-ଏ-ନୌ ଙ୍କ ଶିକ୍ଷା ସମ୍ବନ୍ଧରେ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ କରାଯାଇପାରିବ । ୱାକିଫିନ୍-ଏ-ନୌ ଙ୍କ ପାଇଁ ଶିକ୍ଷାର ପ୍ରତି ସ୍ତରରେ ଅନୁମତି ହାସଲ କରିବା ଜରୁରୀ ଅଟେ ।

(ଇନ୍‌ଚାର୍ଜ ୱକ୍ଫ୍-ଏ-ନୌ ବିଭାଗ, ଭାରତ)

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan